୬ ଟିମ୍ ଇଣ୍ଡିଆର ନୂତନ ମୁଖ୍ୟ କୋଚ୍ ହେଲେ ଗୌତମ ଗମ୍ଭୀର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୧୬୩ ● ୧୦ ଜୁଲାଇ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-163 ● 10th July 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

## ଜ୍ଞାନକୁ ସାମାଜିକ ଉଦ୍ୟୋଗ ଭାବେ ବିଚାର କରି ସମାଜ ଓ ଦେଶର ବିକାଶରେ ବ୍ୟବହାର କରନ୍ତୁ: ରାଷ୍ଟ୍ରପତି

**ଭୁବନେଶ୍ୱର, ୯।୭**

**ନ୍ୟୁଜ୍ ବ୍ୟୁରୋ**

ନିଜ ଜ୍ଞାନକୁ ଏକ ସାମାଜିକ ଉଦ୍ୟୋଗ ଭାବରେ ବିଚାର କରି ସମାଜ ଓ ଦେଶର ବିକାଶ ପାଇଁ ବ୍ୟବହାର କରନ୍ତୁ। ସର୍ବଦା ନିଜ ଭିତରେ ନମ୍ରତା ଓ ଅନୁସନ୍ଧାନ ଭାବନା ବଜାୟ ରଖନ୍ତୁ। ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହା କହିଛନ୍ତି । ଏହି ଅବସରରେ ସେ କହିଛନ୍ତି, ନାଇଜରର ଯାତ୍ରା ଅଳ୍ପ କିଛି ବର୍ଷ ତଳୁ ଆରମ୍ଭ ହୋଇଛି । କିନ୍ତୁ କମ ସମୟ ମଧ୍ୟରେ ଏହା ଶିକ୍ଷା ଜଗତରେ ନିଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସୃଷ୍ଟି କରିଛି । ବିଜ୍ଞାନର ଯଥାର୍ଥତା ଓ ପରମ୍ପରାର ମୂଲ୍ୟବୋଧକୁ ସମନ୍ୱିତ କରି ଏହି ଅନୁଷ୍ଠାନ ଆଗକୁ ବଢ଼ୁଥିବାରୁ ଖୁସି ଲାଗୁଛି।

ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଥିଲେ, ଯେ ଅର୍ଥପୂର୍ଣ୍ଣ ଶିକ୍ଷା ଓ ଜ୍ଞାନ ହିଁ ମାନବିକତାର ଉନ୍ନତି ଓ ପ୍ରଗତି ପାଇଁ ବ୍ୟବହୃତ ହୁଏ। ସେମାନେ ଯେଉଁଠି




କାମ କରିବେ, ନିଜ କ୍ଷେତ୍ରରେ ଶ୍ରେଷ୍ଠତା ହାସଲ କରିବେ। ନିଜ କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ସେମାନେ ନିଜର ସାମାଜିକ କର୍ତ୍ତବ୍ୟକୁ ମଧ୍ୟ ସମ୍ପୂର୍ଣ୍ଣ ଉତ୍ତରଦାୟିତ୍ୱ ସହ ନିର୍ବାହ କରିବେ। ଜାତିର ପିତା ମହାତ୍ମା ଗାନ୍ଧୀ ସାତଟି ସାମାଜିକ ପାପର ସଂଜ୍ଞା ଦେଇଛନ୍ତି, ସେଥିମଧ୍ୟରୁ ଗୋଟିଏ ହେଉଛି ନିଷ୍ଠୁର। ବିଜ୍ଞାନ ଅର୍ଥାତ ମାନବିକତା ପ୍ରତି ସମ୍ବେଦନଶୀଳତା ବିନା ବିଜ୍ଞାନକୁ ପ୍ରୋତ୍ସାହନ ଦେବା ଏକ ପାପ କରିବା ସହ ତୁଳନୀୟ । ଗାନ୍ଧିଜୀଙ୍କ ଏହି ବାର୍ତ୍ତାକୁ ସର୍ବଦା ମନେ ରଖିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

ରାଷ୍ଟ୍ରପତି କହିଥିଲେ ଯେ ବିଜ୍ଞାନର ବରଦାନ ସାଙ୍ଗକୁ ଏହାର ଅଭିଶାପର ବିପଦ ସବୁବେଳେ ରହିଥାଏ। ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଦ୍ରୁତ ଗତିରେ ପରିବର୍ତ୍ତନ ଘଟୁଛି । ନୂତନ ବୈଷୟିକ ବିକାଶ ମାନବ ସମାଜକୁ ସାମର୍ଥ୍ୟ ପ୍ରଦାନ କରୁଛି, କିନ୍ତୁ ଏହା ସହିତ ଏହା ମାନବିକତା ପାଇଁ ନୂତନ ଆହ୍ୱାନ ମଧ୍ୟ ସୃଷ୍ଟି କରୁଛି। ସିଆରଆଇଏସପିଆର-ସିଏଏସ୯ ଭଳି ଜିନ (ପୃଷ୍ଠା ୭ରେ)

## ସରକାର ଅନୁମତି ଦେଲେ ୧୪ରେ ଖୋଲିବ ରତ୍ନଭଣ୍ଡାର

**ପୁରୀ, ୯।୭ : ନ୍ୟୁଜ୍ ବ୍ୟୁରୋ**

ରତ୍ନ ଭଣ୍ଡାର ଖୋଲିବା ନେଇ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଦୀର୍ଘ ବର୍ଷ ପ୍ରତୀକ୍ଷାର ଅନ୍ତ ହେବାକୁ ଯାଉଛି । ଆସନ୍ତା ୧୪ ତାରିଖରେ ଖୋଲିପାରେ ରତ୍ନ ଭଣ୍ଡାର। ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ। ରାଜ୍ୟ ସରକାରଙ୍କ ଅନୁମତି ମିଳିବା ପରେ ଉକ୍ତ ଦିନ ରତ୍ନ ଭଣ୍ଡାର ଖୋଲାଯିବ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି ରତ୍ନ ଭଣ୍ଡାର ଯାଞ୍ଚ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ।

ଏନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ଅନୁମତି ମିଳିବା ପରେ ଯେକୌଣସି ପ୍ରକାରେ ୧୪ ତାରିଖରେ ରତ୍ନ ଭଣ୍ଡାର ଖୋଲାଯିବ। ମଙ୍ଗଳବାର ମୁଖ୍ୟ ପ୍ରଶାସକ ଛବି ଉପସ୍ଥାପନ କରିବା ନିମନ୍ତେ ସ୍ଥିର ହୋଇଥିଲା। ମାତ୍ର ସେ ରଥ ଯାତ୍ରାରେ ବ୍ୟସ୍ତ ଥିବାରୁ ଏହି ବୈଠକରେ ସାମିଲ ହୋଇ ପାରିନଥିଲେ। ତେଣୁ ଆସନ୍ତା ୧୪ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ସେ ଛବିକୁ କମିଟି ସମ୍ମୁଖରେ ଉପସ୍ଥାପନ କରିବେ। ତେବେ ଉକ୍ତ ଛବି କାମ କରୁ ବା ନ କରୁ, ସରକାରଙ୍କ ଅନୁମତି ମିଳିଲେ ଉକ୍ତ ଦିନ ରତ୍ନ ଭଣ୍ଡାର ନିଶ୍ଚିତ ଭାବେ ଖୋଲାଯିବ ବୋଲି ସୂଚନା ଦେଇଛନ୍ତି ଜଷ୍ଟିସ ରଥ ।



ମଙ୍ଗଳବାର ରତ୍ନ ଭଣ୍ଡାର ଯାଞ୍ଚ କମିଟିର ଦ୍ୱିତୀୟ ବୈଠକ ବସିଥିବା ବେଳେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା କହିଛନ୍ତି ଜଷ୍ଟିସ ରଥ। ଉକ୍ତ ସମୟରେ ଠାକୁରଙ୍କ ରୀତିନୀତି ଓ ଶ୍ରଦ୍ଧାଳୁଙ୍କ ଦର୍ଶନରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଯତ୍ନବାନ ହେବୁ। ଉକ୍ତ ଦିନ ଗଣତି ଆରମ୍ଭ କରାଯିବ। ତାହା କେବେ ସରିବ ତାହା ନିର୍ଦ୍ଧାରିତ ହୋଇନି। ଏଥିନିମନ୍ତେ ପ୍ରଥମେ ଠାକୁରଙ୍କ ଗହଣା ଚିହ୍ନି ପାରିବା ସହ ତାହାର ଗୁଣବତ୍ତା ପରଖି ପାରୁଥିବା ବଣିଆଙ୍କୁ ଚୟନ କରାଯିବ ବୋଲି କହିଛନ୍ତି ଜଷ୍ଟିସ ରଥ।

ରତ୍ନ ଭଣ୍ଡାର ଖୋଲାଯିବା ବେଳେ ଭକ୍ତଙ୍କ ଦର୍ଶନ ବନ୍ଦ ହେବନି। ହୁଏତ ଭକ୍ତମାନଙ୍କୁ ସାମାନ୍ୟ ଦୂରରୁ ଦର୍ଶନ କରିବାକୁ ପଡ଼ିପାରେ, ତେବେ ଭକ୍ତମାନେ ଏଥିରେ ସହଯୋଗ କରିବେ ବୋଲି ବିଶ୍ୱାସ ରହିଥିବା କହିଛନ୍ତି ଜଷ୍ଟିସ ରଥ।

ରତ୍ନଭଣ୍ଡାର ଯାଞ୍ଚ କମିଟିର ପ୍ରଥମ ବୈଠକ ଗତ ୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ବହୁ ଦଶନ୍ଧି ହେଲାଣି ରତ୍ନଭଣ୍ଡାରର ତାଲା ଖୋଲା ଯାଇନାହିଁ । ତେଣୁ ଡୁପ୍ଲିକେଟ ଚାବିରେ ନ ଖୋଲେ, ତାହେଲେ ତାଲା ଭାଙ୍ଗି ରତ୍ନଭଣ୍ଡାର ଖୋଲାଯିବ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାପରେ ମଙ୍ଗଳବାର ଦ୍ୱିତୀୟ ବୈଠକ ବସିଥିବା ବେଳେ ଆସନ୍ତା ୧୪ ତାରିଖରେ ରତ୍ନଭଣ୍ଡାର ଖୋଲାଯିବାକୁ ସ୍ଥିର ହୋଇଛି।

ରତ୍ନ ଭଣ୍ଡାର ଯାଞ୍ଚ କମିଟିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା (ପୃଷ୍ଠା ୭ରେ)

## ନୂଆ ଉଚ୍ଚତାରେ ବନ୍ଦ ହେଲା ସେନସେକ୍ସ ଓ ନିଫ୍ଟି



**ମୁମ୍ବାଇ, ୯।୭**

ମଙ୍ଗଳବାର ଭାରତୀୟ ଷ୍ଟକ ବଜାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ସେନସେକ୍ସ ୦.୪୯ ପ୍ରତିଶତ ବା ୩୯୧.୨୬ ପଏଣ୍ଟ ବୃଦ୍ଧି ସହ ୮୦,୩୫୧.୬୪ ରେ ବନ୍ଦ ହୋଇଛି। ବଜାର ବନ୍ଦ ହେବା ବେଳକୁ ସେନସେକ୍ସର ୩୦ଟି ଷ୍ଟକ ମଧ୍ୟରୁ ୧୮ଟିରେ ବୃଦ୍ଧି ପରିଲକ୍ଷିତ ହୋଇଥିବାବେଳେ ୧୨ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା।

ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ନିଫ୍ଟି ମଙ୍ଗଳବାର ୦.୪୬ ପ୍ରତିଶତ ବା ୧୧୨ ପଏଣ୍ଟ ବୃଦ୍ଧି ସହ ୨୪,୪୩୩.୨୦ ରେ ବନ୍ଦ ହୋଇଛି । ବଜାର ବନ୍ଦ ହେବା ବେଳକୁ ନିଫ୍ଟିର ୫୦ଟି ଷ୍ଟକ ମଧ୍ୟରୁ ୩୨ଟିରେ ବୃଦ୍ଧି ପରିଲକ୍ଷିତ ହୋଇଥିବାବେଳେ ୧୮ଟିରେ ହ୍ରାସ ପରିଲକ୍ଷିତ ହୋଇଥିଲା।

ଭାରତୀୟ ବଜାରରେ ଚମତ୍କାର ବୃଦ୍ଧି ଯୋଗୁଁ ବଜାର ପୁଞ୍ଜିରେ ମଧ୍ୟ ଜୋରଦାର ବୃଦ୍ଧି ଘଟିଛି । ବିଏସଇ ତାଲିକାଭୁକ୍ତ ଷ୍ଟକଗୁଡ଼ିକର ବଜାର (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## ଡେଙ୍ଗୁ ଚିନ୍ତା: ସବୁ ଜିଲ୍ଲାପାଳଙ୍କୁ ସ୍ୱାସ୍ଥ୍ୟବିଭାଗର ଚିଠି

**ଭୁବନେଶ୍ୱର, ୯।୭**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଡେଙ୍ଗୁ ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ତତ୍ପର ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଗତ ୫ ବର୍ଷ ଭିତରେ ରାଜ୍ୟର ଯେଉଁ ଅଞ୍ଚଳ ଡେଙ୍ଗୁ ହଟସ୍ପଟ ରହିଆସିଛି, ସେସବୁ ଅଞ୍ଚଳକୁ ମ୍ୟାପିଂ କରିବା ସହ ସେଠାରେ ସର୍ବେକ୍ଷଣ ଆରମ୍ଭ ଲାଗି ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ସବୁ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିଶନରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ।

ମୌସୁମୀ ଓ ଏହାର ପରବର୍ତ୍ତୀ ସମୟରେ ଡେଙ୍ଗୁ ଓ ମ୍ୟାଲେରିଆ ସଂକ୍ରମଣ ବଢୁଥିବାରୁ ଆଗୁଆ ସତର୍କତା ପଦକ୍ଷେପ




ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆବଶ୍ୟକ ସଂଖ୍ୟକ ଫ୍ରଣ୍ଟଲାଇନ ୱାର୍କର, ଡାଏଗ୍ନୋଷ୍ଟିକ କିଟ୍, ଔଷଧ ମହଜୁଦ ରଖିବା ପାଇଁ କୁହାଯାଇଛି । ଜିଲ୍ଲା ଓ ମହାନଗର ନିଗମସ୍ତରରେ ସବୁ ଅଂଶୀଦାରଙ୍କ ସହ ମିଶି ଯୁଗ୍ମ ଆକ୍ସନ ପ୍ଲାନ (ପୃଷ୍ଠା ୭ରେ)

## ରୁଷରେ ଜୟ ଜଗନ୍ନାଥ କହିବା ସହ ଓଡ଼ିଶାରେ ପରିବର୍ତ୍ତନର କାହାଣୀ କହିଲେ ମୋଦି

**ମସ୍କୋ, ୯।୭**

ଜୟ ଜଗନ୍ନାଥ ସହ ଓଡ଼ିଶାରେ କିଭଳି ପରିବର୍ତ୍ତନ ହେଲା ସେହି କଥା ପ୍ରବାସୀ ଭାରତୀୟଙ୍କୁ ସୁଦୂର ରୁଷରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଙ୍ଗଳବାର ମସ୍କୋରେ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରି ଦେଶର ବିକାଶ ସହ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ କହିଥିଲେ । ଆଉ ଏହାରି ଭିତରେ ରଥଯାତ୍ରା ସହ ମହାପ୍ରଭୁଙ୍କ ମହିମାକୁ ମଧ୍ୟ ବଖାଣିଥିଲେ। ନିଜ ସମ୍ବୋଧନ ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏଥର ହୋଇଥିବା ନିର୍ବାଚନରେ ୪ଟି ରାଜ୍ୟରେ ଏନଡିଏର ବିଜୟ ହୋଇଛି । ଅରୁଣାଚଳପ୍ରଦେଶ, ସିକିମ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶାରେ




ବିଧାନସଭା ନିର୍ବାଚନ ହୋଇଥିଲା । ଏବେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଚାଲିଛି, ଜୟ ଜଗନ୍ନାଥ ମୋଦୀଙ୍କ ମୁହଁରୁ ଜୟ ଜଗନ୍ନାଥ ଶୁଣି ସମବେତ ପ୍ରବାସୀ ଭାରତୀୟମାନେ ଜୟ ଜଗନ୍ନାଥ ବୋଲି କହିଥିଲେ ।

ଓଡ଼ିଶାରେ ବହୁତ (ପୃଷ୍ଠା ୭ରେ)

## ଆଜି ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭୁବନେଶ୍ୱର, ୯।୭**

**ନ୍ୟୁଜ୍ ବ୍ୟୁରୋ**

ବୁଧବାର ରାଜ୍ୟରେ ନବଗଠିତ ବିଜେପି ସରକାରର ଦ୍ୱିତୀୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୂର୍ବାହ୍ନ ୧୧.୩୦ରେ ଅନୁଷ୍ଠିତ ହେବ କ୍ୟାବିନେଟ ବୈଠକ।

ସୂଚନାଯୋଗ୍ୟ ଯେ ଗତ ଜୁନ ୧୨ ତାରିଖରେ ମୋହନ ସରକାର ଶପଥ ଗ୍ରହଣ ଦିନ ପ୍ରଥମ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମନ୍ଦିର ଚାରିଦ୍ୱାର



ଖୋଲା, ଶ୍ରୀମନ୍ଦିର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ, ରାଜ୍ୟରେ ସମୃଦ୍ଧ କୃଷକ ନୀତି ଅଧୀନରେ ଧାନର ଏମ୍ଏସ୍‌ପି ୩୧୦୦ ଟଙ୍କାକୁ ବୃଦ୍ଧି ଏବଂ ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ ନେଇ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିର ବର୍ତ୍ତମାନର ସ୍ଥିତି ଏବଂ ଏହାକୁ କିପରି (ପୃଷ୍ଠା ୭ରେ)

## ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯିବ



**ଭୁବନେଶ୍ୱର, ୯।୭**

**ନ୍ୟୁଜ୍ ବ୍ୟୁରୋ**

ଓଡିଶାକୁ ଶିଳ୍ପ କ୍ଷେତ୍ରରେ ଦେଶରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରାଯିବ। ଏଥିପାଇଁ ରାଜ୍ୟର ଯୁବକଯୁବତୀମାନଙ୍କ ସକାଶେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶିଳ୍ପ ବିଭାଗ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ଶିଳ୍ପାୟନକୁ ତ୍ୱରାନ୍ୱିତ କରିବା ପାଇଁ ଓ ଯୁବକଯୁବତୀ ମାନଙ୍କୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବାକୁ ବ୍ୟାପକ ସୁଯୋଗ ରହିଛି। ଧାତୁ ଓ ଖଣିଭିତ୍ତିକ ଶିଳ୍ପ ସହିତ ବନ୍ଦରଭିତ୍ତିକ ଶିଳ୍ପ ଓ ଆଧୁନିକ ଯୁଗର ଶିଳ୍ପ ପ୍ରତିଷ୍ଠା ଦିଗରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଶିଳ୍ପ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ମଧ୍ୟ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଶା ଉପରେ ସ୍ୱତନ୍ତ୍ର ଫୋକସ ରହିଛି । ଆଗାମୀ ୨୫ ବର୍ଷରେ ଓଡିଶା ଦେଶର ବିକାଶର ଦ୍ୱାର ହେବ ବୋଲି ସେ କହିଛନ୍ତି । ତେଣୁ (ପୃଷ୍ଠା ୭ରେ)

## ୪୮ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୯।୭**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆସନ୍ତା ୪୮ ଘଣ୍ଟା ପାଇଁ ବିଭିନ୍ନ ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବର୍ଷା ସମ୍ଭାବନା ରହିଥିବା ସୂଚନା ଦେଇଛି ପାଣିପାଗ କେନ୍ଦ୍ର । ମୟୂରଭଞ୍ଜ ଓ କେନ୍ଦୁଝରରେ ମଧ୍ୟ ବର୍ଷାର ପରିମାଣ ଅଧିକ ରହିବାର ସମ୍ଭାବନା ରହିଛି।

୧୩ ତାରିଖରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡିରେ ପ୍ରବଳ ବର୍ଷା ହେବ। ୧୩ ତାରିଖ ପରେ ବର୍ଷା ପରିମାଣ ସାମାନ୍ୟ କମିବ। ଗତ ୨୪ ଘଣ୍ଟାରେ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିବା (ପୃଷ୍ଠା ୭ରେ)

## ଏକାଳ ସକାଳ



କୋଳାକୋଳି କେତେ ହେଉଥିଲେ
ଏବେ ହେଉଥାନ୍ତି କଳି
କେତେ ଉପାଖ୍ୟାନ ଉଦାହରଣକୁ
ଏପଟସେପଟ ଗାଳି
ହୁଏ ଗୋହି ଖୋଳାଖୋଳି
ହାରିବାର ଯେତେ କାନ୍ଦୁଅଛି
ଦେହେ ହୋଇ ବୋଳାବୋଳି।

## ଆଜିଠୁ ଭକ୍ତଙ୍କୁ ମିଳିବ ଆଡ଼ପ ଦର୍ଶନ ସହ ଆଡ଼ପ ଅବଢା



**ପୁରୀ, ୯।୭ : ନ୍ୟୁଜ୍ ବ୍ୟୁରୋ**

ରତ୍ନବେଦୀ ଛାଡ଼ି ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧା ବିଗ୍ରହ ବଡ଼ଦାଣ୍ଡରେ ତିନିଦିନର ଲୀଳାଖେଳା ସାରି ମଙ୍ଗଳବାର ଜନ୍ମବେଦୀ (ଆଡ଼ପମଣ୍ଡପ)କୁ ବିଜେ କରିଛନ୍ତି । ସୋମବାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦର୍ଶନ ଦେବାପରେ ମଙ୍ଗଳବାର ସନ୍ଧ୍ୟାରେ ରଥାରୂଢ଼ ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ ଆସି ଜନ୍ମବେଦୀରେ ବିରାଜମାନ କରିଛନ୍ତି। ପହଣ୍ଡି ବେଳେ ଘଣ୍ଟଘଣ୍ଟା ସାଙ୍ଗକୁ ଭକ୍ତଙ୍କ ହରିବୋଲ, ଜୟ ଜଗନ୍ନାଥ ଡାକରେ ଖଣ୍ଡମଣ୍ଡଳ ପ୍ରକମ୍ପିତ (ପୃଷ୍ଠା ୭ରେ)

### ଆଡ଼ପ ପହଣ୍ଡି ବେଳେ ଖସି ପଡ଼ିଲେ ବଡ଼ ଠାକୁର ବଳଭଦ୍ର

**ପୁରୀ, ୯।୭ : ନ୍ୟୁଜ୍ ବ୍ୟୁରୋ**

ମଙ୍ଗଳବାର ରଥ ଉପରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସରିବା ପରେ ଆରମ୍ଭ ହୋଇଥିଲା ପହଣ୍ଡି ବିଜେ । ପହଣ୍ଡି ବେଳେ ଖସି ପଡିଥିଲେ ବଡ଼ ଠାକୁର। ଆଡ଼ପ ପହଣ୍ଡି ବେଳେ ଖସି ପଡ଼ିଲେ ବଡ଼ ଠାକୁର ବଳଭଦ୍ର। ଚାରମାଳ ଉପରେ ହାମୁଡେଇ ପଡ଼ିଲେ ବଡ଼ ଠାକୁର । ପହଣ୍ଡିରେ ସାମିଲ ହୋଇଥିବା କିଛି ସେବାୟତ ଆହତ ହୋଇଛନ୍ତି। ଆହତ ସେବାୟତଙ୍କୁ ଆମ୍ବୁଲାନ୍ସ



ଯୋଗେ ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ସୂଚନା ଅନୁଯାୟୀ ୫ରୁ ୬ଜଣ ସେବାୟତ ଆହତ (ପୃଷ୍ଠା ୭ରେ)

## ଚାଇନାକୁ ଝଟ୍‌କା ଦେଲା ଶ୍ରୀଲଙ୍କା

**କଲମ୍ବୋ, ୯।୭**

ଶ୍ରୀଲଙ୍କା ବୈଦେଶିକ ମନ୍ତ୍ରୀ ଅଲି ସାବରି ସେହି ସମସ୍ତ ଗଣମାଧ୍ୟମ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଯେଉଁଥିରେ ଦାବି କରାଯାଇଛି ଯେ ଶ୍ରୀଲଙ୍କା ବିଦେଶୀ ଜାହାଜକୁ ଏହାର ସାମୁଦ୍ରିକ ଜୋନ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେବ। ସାବରି କହିଛନ୍ତି ଯେ ଶ୍ରୀଲଙ୍କା ଏହାର ଆଞ୍ଚଳିକ ଜଳ ତଥା ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳରେ ସର୍ଭେ କରୁଥିବା ବିଦେଶୀ ଅନୁସନ୍ଧାନ ଜାହାଜ ଉପରେ ଥିବା ପ୍ରତିବନ୍ଧକକୁ ହଟାଇବାକୁ ନିଷ୍ପତ୍ତି ନେଇ ନାହିଁ। ଅଲି ସାବରିଙ୍କ ନିକଟରେ ଜାପାନ ଗସ୍ତ ସମୟରେ ଜାପାନ ଗଣମାଧ୍ୟମ ତାଙ୍କ ଉଦ୍ଦେଶ୍ୟରେ କହିଛି ଯେ ଶ୍ରୀଲଙ୍କା ସାମୁଦ୍ରିକ ଜଳରେ ବିଦେଶୀ ଜାହାଜ ଉପରେ ଥିବା



ପ୍ରତିବନ୍ଧକକୁ ଶୀଘ୍ର ହଟାଇବ। ଶ୍ରୀଲଙ୍କାର ଏହି ନିଷ୍ପତ୍ତି ଭାରତର ଚିନ୍ତା ବଢାଇ ଦେଇଛି, କାରଣ ଏହା ଚାଇନା ଜାହାଜକୁ ଭାରତୀୟ ଉପକୂଳର ନିକଟତର ହେବାକୁ ସୁଯୋଗ ଦେଇଥାନ୍ତା। ସେ କହିଛନ୍ତି ଯେ ଟୋକିଓରେ ଏକ ସାକ୍ଷାତକାର (ପୃଷ୍ଠା ୭ରେ)

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁଲାଇ ୨୦୨୪ ବୁଧବାର





# ଗର୍ଭବତୀଙ୍କ ପାଇଁ ଅଧିକ ବିପଦଜନକ ଜିକା: ରାଜ୍ୟ ଗୁଡିକୁ ଆଡଭାଇଜରୀ ଜାରି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶରେ ଧିରେ ଧିରେ ବଢିବାରେ ଲାଗିଛି ଜିକା ଭାଇରସ୍ ସଂକ୍ରମଣ । ବିଶେଷକରି ମହାରାଷ୍ଟ୍ରରେ ଏହି ଭୂତାଣୁ ସଂକ୍ରମଣ ଉଦବେଗଜନକ ରହିଛି । ଏହି ବଢୁଥିବା ସଂକ୍ରମଣକୁ ନେଇ ଏବେ ରାଜ୍ୟଗୁଡିକୁ ସତର୍କ କରିଛନ୍ତି କେନ୍ଦ୍ର ସରକାର । ଜିକା ଭୂତାଣୁ ବିଶେଷକରି ଗର୍ଭବତୀ ମହିଳାଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରୁଛି । ତେଣୁ ଗର୍ଭବତୀ ମହିଳାଙ୍କ ଭଲ ଭାବେ ଯାଞ୍ଚ କରିବା, ଜିକା ସଂକ୍ରମଣର ଚିହ୍ନଟ ହୋଇଥିବା ଗର୍ଭବତୀଙ୍କ ଭ୍ରୂଣର ବିକାଶ ଉପରେ ନଜର ରଖିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରିଛି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ । ଏଡିସ୍ ମଶା ମୁକ୍ତ କରିବାକୁ ତଦାରଖ ନିମନ୍ତେ ଜଣେ ନୋଡାଲ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି । ଆବାସିକ ଅଞ୍ଚଳ, କର୍ମସ୍ଥଳୀ, ବିଦ୍ୟାଳୟ, ନିର୍ମାଣସ୍ଥଳ, ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ ସୁବିଧାରେ କୀଟ ବିଜ୍ଞାନ ନିରୀକ୍ଷଣକୁ ସୁଦୃଢ଼ କରିବା ସହିତ ଭେକ୍ଟର (ମଶକବାହୀ ରୋଗ) ନିୟନ୍ତ୍ରଣ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟଗୁଡ଼ିକୁ କୁହାଯାଇଛି । ଗର୍ଭବତୀଙ୍କ ପାଇଁ ଅଧିକ ବିପଦଜନକ ଜିକା ଭୂତାଣୁ: ବିଶେଷ ଭାବରେ ଜିକା ଭୂତାଣୁ ଗର୍ଭବତୀ ମହିଳାଙ୍କ ଭ୍ରୁଣକୁ ପ୍ରଭାବିତ କରିପାରେ। କାରଣ ଏହା ଭ୍ରୁଣର ମାଇକ୍ରୋସେଫାଲି ଏବଂ ସ୍ନାୟବିକ ପରିଣାମ ସହିତ ଜଡିତ । ତେଣୁ ଡାକ୍ତରମାନେ ଅତି ସତର୍କତାର ସହିତ ଏହାର ତଦାରଖ କରିବା ପାଇଁ ପରାମର୍ଶ ଦିଆଯାଇଛି । ଜିକା ଭୂତାଣୁ ସଂକ୍ରମଣ ପାଇଁ ଗର୍ଭବତୀ ମହିଳାମାନଙ୍କର ଯାଞ୍ଚ କରିବା, ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ଚିହ୍ନଟ ହୋଇଥିବା ଗର୍ଭବତୀଙ୍କ





ଭ୍ରୂଣର ବିକାଶ ଉପରେ ନଜର ରଖିବା, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରଭାବିତ ଅଞ୍ଚଳରୁ ଆସୁଥିବା ମାଆମାନଙ୍କର ଭଲ ଭାବରେ ଯାଞ୍ଚ କରିବାକୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ରାଜ୍ୟଗୁଡିକୁ କୁହାଯାଇଛି। ଜିକା ଭୂତାଣୁ ସତର୍କତା ସହ ବିଶେଷକରି ଆବାସିକ ଅଞ୍ଚଳ, କର୍ମକ୍ଷେତ୍ର, ବିଦ୍ୟାଳୟ, ନିର୍ମାଣ ସ୍ଥଳ, ଅନୁଷ୍ଠାନ ଏବଂ ସ୍ୱାସ୍ଥ୍ୟ ସୁବିଧାରେ କୀଟ ବିଜ୍ଞାନ ନିରୀକ୍ଷଣକୁ ସୁଦୃଢ଼ କରିବା ଏବଂ ଭେକ୍ଟର ନିୟନ୍ତ୍ରଣ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା । ଜିକା ଭୂତାଣୁର ସଂକ୍ରମଣ ଅନ୍ୟ ଯେକୌଣସି ଭୂତାଣୁ ସଂକ୍ରମଣ ପରି ହୋଇଥିବାରୁ ଏବଂ ଅଧିକାଂଶ ମାମଲା ଲକ୍ଷଣ ବିହୀନ ତଥା ସାମାନ୍ୟ ଲକ୍ଷଣ ଯୁକ୍ତ ଥିବାରୁ ଲୋକମାନଙ୍କ ମଧ୍ୟରେ ଏ ବାବଦରେ ଆତଙ୍କକୁ କମ୍ କରିବା ପାଇଁ ସାମାଜିକ ଗଣମାଧ୍ୟମ ଏବଂ ଅନ୍ୟ ପ୍ଲାଟଫର୍ମରେ ସତର୍କତାମୂଳକ ଆଇଇସି ବାର୍ତ୍ତା ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ଉଚିତ୍ । ଯଦିଓ ଏହା ମାଇକ୍ରୋସେଫାଲି ସହ ଜଡ଼ିତ ବୋଲି କୁହାଯାଉଛି, କିନ୍ତୁ ୨୦୧୬ ପରଠାରୁ ଦେଶରେ କୌଣସି ଜିକା ସମ୍ବନ୍ଧିତ ମାଇକ୍ରୋସେଫାଲିର ରିପୋର୍ଟ ସାମ୍ନାକୁ ଆସିନାହିଁ। ଜିକା ଡେଙ୍ଗୁ ଓ ଚିକୁନଗୁନିଆ ଭଳି ଏଡିସ ମଶାବାହିତ ଭୂତାଣୁ ଜନିତ ରୋଗ । ଏହା ଏକ ଅଣ-ପ୍ରାଣଘାତୀ ରୋଗ । ତେବେ ପ୍ରଭାବିତ ଗର୍ଭବତୀ ମହିଳାଙ୍କ ଠାରୁ ଜନ୍ମ ହୋଇଥିବା ଶିଶୁମାନଙ୍କର ମାଇକ୍ରୋସେଫାଲି (ମୁଣ୍ଡର ଆକାର ହ୍ରାସ) ସହିତ ଜିକା ଜଡିତ। ଯାହା ଏହାକୁ ଏକ ବଡ଼ ଚିନ୍ତାର କାରଣ ଭାବରେ ପରିଣତ କରିଛି । ପୁଣେ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍ଆଇଭି)ରେ ଜିକା ଭୂତାଣୁ ପରୀକ୍ଷା ସୁବିଧା ଉପଲବ୍ଧ ରହିଛି। ଏହାସହ ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନସିଡିସି), ଦିଲ୍ଲୀ ଏବଂ ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମଆର)ର କିଛି ଚୟନ ହୋଇଥିବା ଭୂତାଣୁ ଗବେଷଣା ଏବଂ ନିଦାନ ପରୀକ୍ଷାଗାରରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହେଉଛି। ଗୁଜୁରାଟରେ ପ୍ରଥମେ ଜିକା ଦେଖାଯାଇଥିଲା। ୨୦୧୬ରେ ଗୁଜୁରାଟରୁ ଦେଶର ପ୍ରଥମ ଜିକା ଭୂତାଣୁ ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା । ଏହାପରେ ତାମିଲନାଡୁ, ମଧ୍ୟପ୍ରଦେଶ, ରାଜସ୍ଥାନ, କେରଳ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଦିଲ୍ଲୀ ଓ କର୍ଣ୍ଣାଟକରେ ଏହି ଭୂତାଣୁ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୨୦୨୪ରେ ମହାରାଷ୍ଟ୍ରର ପୁଣେରେ ୬ ଜଣ ଚିହ୍ନଟ ହୋଇଥିବା ବେଳେ କୋହ୍ଲାପୁରରୁ ଗୋଟିଏ ମାମଲା ସାମ୍ନାକୁ ଆସିଛି ।

# ୨୦୩୦ ସୁଦ୍ଧା ଓଡ଼ିଶା ହେବ ବଳକା ଡାକ୍ତର ରାଜ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସ୍ୱାସ୍ଥ୍ୟସେବା ଓ ଭେଷଜ ପାଠ୍ୟକ୍ରମକୁଗୁରୁତ୍ୱ । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୨ଟି ଭେଷଜ ମହାବିଦ୍ୟାଳୟ ରହିଥିବାବେଳେ ଆଗକୁ ମଧ୍ୟ ଆଉ ତିନି ନୂଆ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ଯାଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ଯାଜପୁରରେ ଏକ ଭେଷଜ ମହାବିଦ୍ୟାଳୟ ଖୋଲିବାକୁ ଥିବାବେଳେ ଆସନ୍ତା ବର୍ଷ ଫୁଲବାଣୀ ଏବଂ ଅନୁଗୋଳରେ ଖୋଲିବ ବୋଲି ସୂଚନା ମିଳିଛି । ସେହିପରି ରାଜ୍ୟରେ ଦୁଇଟି ପିଜି ଅନୁଷ୍ଠାନ ଥିବାବେଳେ ଆସନ୍ତାବର୍ଷକୁ ପିଜିଆଇଏମ୍ଇଆର ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲରେ ନୂଆ ୪ ବିଭାଗରେ ପିଜି ପାଠ୍ୟକ୍ରମ ସାମିଲ ହେବ। ଗୁଣାତ୍ମକ ମାନର ଶିକ୍ଷା ସହିତ ଗବେଷଣାକୁ ମଧ୍ୟ ଅଗ୍ରାଧିକାର ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ରୋଗୀଙ୍କୁ ଉନ୍ନତମାନର ସେବା ଯୋଗାଇବା ନିମନ୍ତେ ସେହିଭଳି ଜଣେ ଭଲ



ଡାକ୍ତରଙ୍କ ଆବଶ୍ୟକତା ରହିଛି। ଏଥିପାଇଁ ଛାତ୍ରଛାତ୍ରୀଙ୍କ ପାଠପଢାକୁ ଗୁରୁତ୍ୱ ଦେଇ ରାଜ୍ୟ ନୂଆ ୩ ମହାବିଦ୍ୟାଳୟ ଖୋଲିବ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢାରେ ଯେପରି ତାରତମ୍ୟ ରହିବ ନାହିଁ ଏହାକୁ ଗୁରୁତ୍ୱ ଦିଆଯାଇ ରାଜ୍ୟର ପ୍ରମୁଖ ଭେଷଜ ମହାବିଦ୍ୟାଳକୁ ଏସସିବି ଏବଂ ଏମ୍ସ ସହିତ ସଂଯୋଗ କରାଯିବ। ଆଭାସି ଜରିଆରେ ଯେପରି ଛାତ୍ରଛାତ୍ରୀମାନେ ସମାନ ପାଠ ପଢି ପାରିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ସେହିପରି ଡାକ୍ତର ଅଭାବ ଦୂର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ୨୦୩୦ରୁ ସୁଦ୍ଧା ଯେପରି ଓଡ଼ିଶା ଡାକ୍ତର କ୍ଷେତ୍ରରେ ବଳକା ରାଜ୍ୟ ଭାବେ ରହିବ ତାହାକୁ ଦୃଷ୍ଟି ରେ ରଖାଯାଇ ଯୋଜନା ପ୍ରସ୍ତୁତ କରାଯାଉଛି। ଏବେ ରାଜ୍ୟରୁ ଡାକ୍ତର ଅଭାବ ଦୂର ପାଇଁ ନୂଆ ପିଜି ବିଭାଗ ଖୋଲିବା ସହିତ ସୁପରସ୍ପେସିଆଲିଷ୍ଟ ନିଯୁକ୍ତ ଉପରେ ଗୁରୁତ୍ୱ ଦିଆଯାଉଛି। ଓପିଏସସି ଜରିଆରେ ନିୟମିତ ଡାକ୍ତର ନିଯୁକ୍ତି ହେଉଥିବା ବେଳେ ଏବେ ପ୍ରତି ଭେଷଜ ମହାବିଦ୍ୟାଳୟ ଅଧକ୍ଷ ଓ ଡିନ୍ମାନଙ୍କୁ ଚୁକ୍ତିଭିତ୍ତିରେ ନିଯୁକ୍ତ ନିମନ୍ତେ ପଦକ୍ଷେପ ନେଇପାରିବେ। ଏହସହିତ କର୍ପସ ପାଣ୍ଠି ଜରିଆରେ ସୁପରସ୍ପେଶିଆଲିଷ୍ଟ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯାଇ ଭେଷଜ ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ପାଇଁ ଯୋଜନା କରାଯାଇଛି। ଏହାଛଡା ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇ ଶଯ୍ୟାସଂଖ୍ୟା ବୃଦ୍ଧି କରାଯିବ। ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାଥମିକ ସ୍ୱାସ୍ଥ୍ୟାକେନ୍ଦ୍ର ସଂଖ୍ୟା ମଧ ବଢିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ଭଞ୍ଜନଗର କୃଷି ଜିଲ୍ଲାରେ କର୍ମଚାରୀ ଅଭାବ : ଭଗବାନଙ୍କ ଭରସାରେ ଚାଷୀ

**ଭଞ୍ଜନଗର, ନ୍ୟୁଜ ବ୍ୟୁରୋ**

ଶିଳ୍ପବିହୀନ ଗଞ୍ଜାମ ଜିଲ୍ଲାବାସୀଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ। ହେଲେ ଭଞ୍ଜନଗର କୃଷି ଜିଲ୍ଲା ଅଧୀନ ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ଓ ବୁଗୁଡ଼ା ବ୍ଲକରେ ଆବଶ୍ୟକ କୃଷି କର୍ମଚାରୀ ନଥିବାରୁ ଚାଷୀ ବୈଜ୍ଞାନିକ ପରାମର୍ଶ ସହ ଆବଶ୍ୟକ ସୂଚନା ପାଇ ପାରୁନାହାନ୍ତି। ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଏହା ଅଧୀନ ୩ଟି ବ୍ଲକରେ ବ୍ଲକ କୃଷି ଅଧୁକାରୀ ପଦବୀ ଖାଲି ପଡ଼ିଥିବାବେଳେ ସହକାରୀ କୃଷି ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେହିଭଳି ୩୯ଟି ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି । ଜଣେ ଅଧିକାରୀଙ୍କୁ ଦୁଇଟି ଅତିରିକ୍ତ ଦାୟିତ୍ୱ ଦିଆଯିବା ଫଳରେ ସେମାନଙ୍କ ଉପରେ କାର୍ଯ୍ୟ ଚାପ ପଡ଼ିଥିଲେ ମଧ୍ୟ ପଦବୀ ପୂରଣ ଦିଗରେ ସରକାରଙ୍କ ଦୃଷ୍ଟି ପଡୁନି। ଯାହା ଫଳରେ ବୈଜ୍ଞାନିକ ପରାମର୍ଶକୁ ଆଧାର କରି କ୍ଷେତରେ ସୁନାର ଫସଲ ଫଳାଇବାକୁ ଆଶା ବାନ୍ଧିଥିବା ଭଞ୍ଜନଗର କୃଷି ଜିଲ୍ଲାର ଚାଷୀକୁ



ଭଗବାନଙ୍କ ଭରସାରେ ରହିବାକୁ ପଡୁଛି । ବର୍ତ୍ତମାନ ସମୟରେ ଖରିଫ୍ ଚାଷ କାମ ଆରମ୍ଭ ହୋଇ ସାରିଛି। ବିହନ ବୁଣି ସାରି ଚାଷୀ ବଡ଼ ବର୍ଷାକୁ ଅପେକ୍ଷା କରି ରହିଛି । ହେଲେ ଭଞ୍ଜନଗର କୃଷି ଜିଲ୍ଲାରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇ ପାରୁନି । କୃଷି ଜିଲ୍ଲା ଅଧୀନ ୪ଟି ବ୍ଲକରେ କର୍ମଚାରୀ ଓ କୃଷି ଅଧିକାରୀଙ୍କ ସଙ୍କଟ ଯୋଗୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି । ବର୍ତ୍ତମାନର ଜିଲ୍ଲା କୃଷି ଅଧିକାରୀ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି । ଖରିଫ ଚାଷ କାମ ଆରମ୍ଭ ହୋଇ ଯାଇଥିବାରୁ ସେ ଅଧିକାଂଶ ସମୟ ଜିଲ୍ଲା ମୁଖ୍ୟାଳୟରେ ରହୁଛନ୍ତି। ସେହି ଭଳି ବେଲଗୁଣ୍ଠା, ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକ କୃଷି ଅଧିକାରୀ ପଦ ଖାଲି ପଡ଼ିଛି । ସେଠାରେ ସହକାରୀ କୃଷି ଅଧିକାରୀମାନେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି । ସେହି ପରି ଚାଷୀଙ୍କୁ ପରାମର୍ଶ, ସରକାରୀ ସହାୟତା ସଂକ୍ରାନ୍ତରେ ଅବଗତ କରାଇବା ଏବଂ ଚାଷୀଙ୍କୁ ନୂତନ ଜ୍ଞାନ କୌଶଳ ସଂକ୍ରାନ୍ତରେ ସଚେତନ କରିବା ପାଇଁ ୫୮ ଗ୍ରାମ୍ୟ କୃଷି କର୍ମଚାରୀ ପଦବୀରେ ମାତ୍ର ୧୯ ଜଣ ରହିଛନ୍ତି । ୪ଟି ବ୍ଲକରେ ୩୯ଟି ଭିଏଡବ୍ଲ୍ୟୁ ପଦବୀ ଖାଲି ପଡ଼ିଛି । କୃଷି ଜିଲ୍ଲା କାର୍ଯ୍ୟାଳୟର କିରାଣି ପଦବୀରେ ୪ ଜଣ ବଦଳରେ ଜଣେ ରହିଛନ୍ତି । ୩ ପଦବୀ ଖାଲି ପଡିଛି । ପିଅନ ଓ ରାତ୍ର ଜଗୁଆଳି ପଦବୀ ମଧ୍ୟ ଖାଲି ପଡିଛି। କୃଷି ବିଭାଗରେ କର୍ମଚାରୀ ଓ କୃଷି ଅଧିକାରୀଙ୍କ ସଙ୍କଟ ଯୋଗୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି । ଏହା ସହ ପିଏମ୍ କିଶାନ, କାଳିଆ, କୃଷକ ପୋର୍ଟାଲ ଭଳି ବିଭିନ୍ନ କାର୍ଯ୍ୟ କୃଷି କର୍ମଚାରୀଙ୍କ ଉପରେ ନ୍ୟସ୍ତ ଥିବାରୁ ସେମାନେ ଚାଷୀଙ୍କୁ ସମୟ ଦେବାରେ ବିଳମ୍ବ ହେଉଛି । ଏଭଳି ସମସ୍ୟାର ପ୍ରତିକାର ପାଇଁ କାହାରି ଦୃଷ୍ଟି ପଡୁ ନଥିବାବେଳେ ଭଗବାନଙ୍କ ଉପରେ ଭରସା କରି ଚାଷୀମାନଙ୍କୁ ରହିବାକୁ ପଡୁଛି ।

# ନିବେଶ ନାଁରେ ଠକେଇ: ସୋସିଆଲ୍ ମିଡିଆ ମାଧ୍ୟମ

## ଫେସ୍‌ବୁକ୍‌ରେ ୨୯,୦୦୦ ଜାଲ୍ ବିଜ୍ଞାପନ




**ନୂଆଦିଲ୍ଲୀ,**

ସୋସିଆଲ ମିଡିଆ ଏବେ ନିବେଶ ଠକେଇର ପ୍ରମୁଖ ମାଧ୍ୟମ ପାଲଟିଛି। ବିଭ୍ରାନ୍ତୀକର ପରାମର୍ଶ, ଅଧିକ ରିଟର୍ଣ୍ଣ ଭଳି ଆଶା ଦେଖାଇ ଠକମାନେ ଲୋକମାନଙ୍କୁ ନିବେଶ କରିବାକୁ ପ୍ରବର୍ତ୍ତାଉଛନ୍ତି । ହ୍ୱାଟସ୍ଆପ୍‌ଠାରୁ ଆରମ୍ଭ କରି ଫେସ୍‌ବୁକ୍, ଟ୍ୱିଟର, ଟେଲିଗ୍ରାମ୍ ଆଦିରେ ନିବେଶ ଠକେଇ ସଂଖ୍ୟା ବୃଦ୍ଧି ପାଉଛି ବୋଲି କ୍ଲାଉଡ୍ଏସ୍ଇକେ ନାମକ ସାଇବର ନିରାପତ୍ତା ସଂସ୍ଥା କହିଛି। ସୂଚନା ଅନୁଯାୟୀ, ଫେସ୍‌ବୁକ୍‌ରେ ୨୯,୦୦୦ରୁ ଅଧିକ ଜାଲ୍ ନିବେଶ ବିଜ୍ଞାପନ ଚିହ୍ନଟ କରାଯାଇଥିବା ବେଳେ ହ୍ୱାଟ୍ସଆପ୍‌ରେ ସେଭଳି ୮୧,୦୦୦ ନକଲି ନିବେଶ ଗ୍ରୁପ୍ ଚିହ୍ନଟ ହୋଇଛି। ଚଳିତ ବର୍ଷର ପ୍ରଥମ ୬ ମାସରେ ସେଗୁଡ଼ିକୁ ଚିହ୍ନଟ କରାଯାଇଛି । ଲୋକମାନଙ୍କୁ ଠକୁଥିବା ଅପରାଧୀମାନେ ମାସିକ ୪୧ ହଜାର ଟଙ୍କା ଭଳି ରୋଜଗାର କରୁଥିବା ରିପୋର୍ଟରେ ଦାବି କରାଯାଇଛି। ଠକମାନେ ବିଭିନ୍ନ ପ୍ରତିଷ୍ଠିତ ସଂସ୍ଥାର ପ୍ରତିନିଧି ଭାବେ ପରିଚୟ ଦେଇ ଏକ ନିର୍ଦ୍ଦିଷ୍ଟ ଗ୍ରୁପ୍‌ରେ ସାମିଲ ହେବାକୁ ଲୋକମାନଙ୍କୁ କହୁଛନ୍ତି। ନିବେଶ ଉପରେ ଶୀଘ୍ର ଓ ଅଧିକ ରିଟର୍ଣ୍ଣ ମିଳିବ ବୋଲି ସେମାନେ ପ୍ରତିଶ୍ରୁତି ଦେଉଛନ୍ତି। ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ଠକାମିର ଶିକାର ହେବାକୁ ଥିବା ଲୋକ ଯୋଡ଼ିହେବା ପରେ ସେଥିରେ ଠକମାନେ ବିଭିନ୍ନ ପ୍ରକାର ଜାଲ୍ ପୋଷ୍ଟ କରୁଛନ୍ତି ଯାହାକୁ ଦେଖିଲେ ଲାଗିବ ଯେ ସତରେ ଅଧିକ ରିଟର୍ଣ୍ଣ ମିଳୁଛି। ଥରେ ଲୋକଟି ନିବେଶ କରିବା ପରେ ସେମାନେ ଉଭାନ୍ ହୋଇଯାଆନ୍ତି। ଏହି ପ୍ରକ୍ରିୟାରେ ଠକମାନେ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରି ତାହାକୁ ବିକ୍ରି ମଧ୍ୟ କରୁଛନ୍ତି। କ୍ଲାଉଡ୍ଏସ୍ଇକେ ତଥ୍ୟ ଅନୁଯାୟୀ, ପ୍ରତିଷ୍ଠିତ ଆର୍ଥିକ ଅନୁଷ୍ଠାନ ନାମରେ କେବଳ ଟ୍ୱିଟରରେ ୮୧,୦୦୦ରୁ ଅଧିକ ନକଲି ପ୍ରୋଫାଇଲ୍ ରହିଛି।

ନିବେଶ ଠକେଇ ଲାଗି ଠକମାନେ ମୁଖ୍ୟତଃ ଭାରତ, ମାଲେସିଆ, ଆମେରିକା, ଥାଇଲ୍ୟାଣ୍ଡ ଓ ଭିଏତନାମର ଲୋକମାନଙ୍କୁ ଟାର୍ଗେଟ୍ କରୁଛନ୍ତି। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ତଥ୍ୟ ଅନୁସାରେ ଚଳିତ ବର୍ଷ ଜାନୁଆରିରୁ ଏପ୍ରିଲ୍ ଭିତରେ ଭାରତୀୟମାନେ ସାଇବର ଅପରାଧୀଙ୍କ ଦ୍ୱାରା ୧୭.୬ ଲକ୍ଷ କୋଟି ଟଙ୍କା ହରାଇବାର ଶିକାର ହୋଇଛନ୍ତି।

# ବ୍ରିଟେନ୍ ସହ ବାଣିଜ୍ୟ ଆଲୋଚନା ଶୀଘ୍ର: ସହମତି ପାଇଁ ଉଦ୍ୟମ ହେବ

**ନୂଆଦିଲ୍ଲୀ,**

ମୁକ୍ତ ବାଣିଜ୍ୟ ରାଜିନାମାକୁ ନେଇ ଭାରତ ଓ ବ୍ରିଟେନ୍ ମଧ୍ୟରେ ଦୀର୍ଘଦିନରୁ ଆଲୋଚନା ଜାରି ରହିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଚୁକ୍ତିକୁ ନେଇ ଏପର୍ଯ୍ୟନ୍ତ ସହମତି ହୋଇପାରୁନାହିଁ। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଅମଳରେ ଏକ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ହୋଇଥିଲେ ମଧ୍ୟ ଚୁକ୍ତି ସ୍ୱାକ୍ଷର ହୋଇପାରିନଥିଲା। ବ୍ରିଟେନ୍‌ରେ ପ୍ରଧାନମନ୍ତ୍ରୀ ବଦଳିଥିବା ବେଳେ ନୂଆ ଉତ୍ସାହ ନେଇ ଦୁଇ ଦେଶ ପୁଣି ଥରେ ବାଣିଜ୍ୟ ଆଲୋଚନା ଆରମ୍ଭ କରିବାକୁ ଯାଉଛନ୍ତି। ଚଳିତ ମାସରେ ଏହି ବୈଠକ ବସିବ। ୨୦୨୨ ଜାନୁଆରିରେ ଭାରତ-ବ୍ରିଟେନ୍ ମୁକ୍ତ ବାଣିଜ୍ୟ ରାଜିନାମା ଆରମ୍ଭ ହୋଇଥିଲା। ଦୁଇ ଦେଶର ନିର୍ବାଚନ ପାଖେଇ ଆସିବା ପରେ ୧୦ମ ଆଲୋଚନାକୁ ସ୍ଥଗିତ ରଖାଯାଇଥିଲା। ଗତ ଶନିବାର ବ୍ରିଟେନ୍‌ର ନୂଆ ପ୍ରଧାନମନ୍ତ୍ରୀ କିର ଷ୍ଟର୍ମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କଥା ହୋଇଥିଲେ। ମୁକ୍ତ ବାଣିଜ୍ୟ ରାଜିନାମାକୁ ଶୀଘ୍ର ଚୂଡ଼ାନ୍ତ କରିବା ଲାଗି ବ୍ରିଟେନ୍ ପ୍ରସ୍ତୁତ ଥିବା କହିଥିଲେ। ୨୦୨୨-୨୩ରେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ପରିମାଣ ୨୦୩୬ କୋଟି ଡଲାର ଥିଲା। ୨୦୨୩-୨୪ରେ ତାହା ୨୧୩୪ କୋଟି ଡଲାରକୁ ବୃଦ୍ଧି ପାଇଛି। ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେଲେ ଏହି କାରବାର ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ରାଜିନାମାରେ ସାମଗ୍ରୀ ଓ ସେବା କ୍ଷେତ୍ରକୁ ନେଇ କେତେକ ସମସ୍ୟା ରହିଛି। ଭାରତୀୟ ଶିଳ୍ପ ବ୍ରିଟେନ୍‌ର ସୂଚନା ପ୍ରଯୁକ୍ତି, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଧିକ ସୁବିଧା ଚାହୁଥିବା ବେଳେ କେତେକ ସାମଗ୍ରୀ ଉପରୁ ସୀମା ଶୁଳ୍କ ଶୂନ କରାଯାଉ ବୋଲି ଦାବି କରୁଛନ୍ତି। ଅନ୍ୟପକ୍ଷରେ ସ୍କଚ୍ ହ୍ୱିସ୍କି, ଇଲେକ୍ଟ୍ରିକ୍ ଯାନ, ଚକୋଲେଟ୍ ଆଦି ଉପରୁ ଭାରତ ଏହାର ଆମଦାନି ଶୁଳ୍କ କମ୍ କରୁ ବୋଲି ବ୍ରିଟେନ୍ ଦାବି କରୁଛି। ଟେଲିଯୋଗାଯୋଗ, ଆଇନ, ବ୍ୟାଙ୍କ ଓ ବୀମା କ୍ଷେତ୍ରରେ ମଧ୍ୟ ଅଧିକ ସୁବିଧା ପାଇବାକୁ ବ୍ରିଟେନ୍ ଦାବି କରୁଛି। ଆଗକୁ ହେବାକୁ ଥିବା ବୈଠକରେ ଏହି ସବୁ ପ୍ରସଙ୍ଗରେ ସହମତି ହାସଲ କରିବା ଲାଗି ଉଭୟ ପକ୍ଷ ଉଦ୍ୟମ କରିବେ।


# ଅନ୍‌ଫିଟ୍ ଗାଡି ଚଳାଚଳ ଯୋଗୁଁ ରାଜଧାନୀରେ ଦୁର୍ଘଟଣା ବଢୁଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ଗଡୁଛି ଅନ୍‌ଫିଟ୍ ଗାଡ଼ି । କେଉଁ ଗାଡ଼ିରୁ ପୁଳାପୁଳା ଧୂଆଁ ବାହାରୁଛି ତ କେଉଁ ଗାଡ଼ିର ଡ଼ାଲା ଧଡ଼ଧଡ଼ ହେଉଛି। ସାଧାରଣତଃ ଗାଡ଼ିଗୁଡ଼ିକ ୧୫ ବର୍ଷ ଚାଲିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁମତି ମିଳିଥାଏ। ଏହି ୧୫ ବର୍ଷ ବିତିଗଲା ପରେ ଗାଡ଼ି ମାଲିକ ଆବେଦନ କରିବା ପରେ ଗାଡ଼ିକୁ ପୁଣି ଥରେ ଯାଞ୍ଚ କରାଯାଇ ୫ ବର୍ଷ କିମ୍ବା ତାହାଠାରୁ କମ୍ ଦିନ ପାଇଁ ଫିଟ୍‌ନେସ୍ ପ୍ରମାଣପତ୍ର ଦିଆଯାଇଥାଏ। ରାଜଧାନୀରେ ଅନେକ ଲୋକ ଗାଡ଼ି ଅବଧି ଶେଷ ପରେ ମଧ୍ୟ ପୁନଃ ଫିଟ୍‌ନେସ ପାଇଁ ଆବେଦନ ନକରି ଅନ୍‌ଫିଟ୍ ଗାଡ଼ି ଚଳାଉଛନ୍ତି। ପୁରୁଣା ହୋଇଯାଇଥିବାରୁ ଏହି ଗାଡ଼ିଗୁଡ଼ିକରୁ ଧୂଆଁ ବାହାରି ପରିବେଶ ପ୍ରଦୂଷଣ ବଢ଼ାଉଛି । କେତେକ କ୍ଷେତ୍ରରେ ଅନ୍‌ଫିଟ୍ ଗାଡ଼ିଗୁଡ଼ିକ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଛି । ପରିବେଶ ପ୍ରଦୂଷଣ କମ୍ କରିବାକୁ କିଛିବର୍ଷ ପୂର୍ବେ ପଦକ୍ଷେପ ନିଆଯାଇଥିଲା। ଗାଡ଼ି ଚଳାଇବାକୁ ହେଲେ ପ୍ରଦୂଷଣ ପ୍ରମାଣପତ୍ର ନିହାତି ଆବଶ୍ୟକ ଏବଂ ଯେଉଁମାନେ ପ୍ରଦୂଷଣ ପ୍ରମାଣପତ୍ର ନକରିବେ ସେମାନଙ୍କ ବିରୋଧରେ ଜୋରିମାନା କରାଯିବ ବୋଲି ଘୋଷଣା କରାଯାଇଥିଲା । ଏନେଇ ରାଜଧାନୀରେ କିଛିଦିନ ଜୋରଦାର ଗାଡ଼ି ଯାଞ୍ଚ କରାଗଲା । ଗାଡ଼ି ଚାଳକ ଗାଡ଼ିକୁ ଯାଞ୍ଚ କରାଇ ପ୍ରଦୂଷଣ ପ୍ରମାଣପତ୍ର ହାସଲ କଲେ। ଧୀରେ ଧୀରେ ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କୋହଳ ପଡ଼ିଗଲା। ଏହାସହ ଚାଳକମାନେ ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିବାକୁ ଭୁଲିଗଲେଣି। ଅନେକ ଗାଡ଼ି ଚାଳକ କେବଳ ଥରେ ମାତ୍ର ପ୍ରଦୂଷଣ ପ୍ରମାଣପତ୍ର ହାସଲ କରିଥିଲେ। ୬ ମାସ ପରେ ଏହାର ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସେମାନେ କିଛି ବର୍ଷ ହେବ ଏହାର ନବୀକରଣ କରିନଥିବା ଜଣାପଡ଼ିଛି । ଲୋକସଂଖ୍ୟା ରାଜଧାନୀରେ ତୁଳନାରେ ଯାନବାହନ ସଂଖ୍ୟା ଅଧିକ ରହିଛି। ୨୦୧୯ ସୁଦ୍ଧା ୧୦ ଲକ୍ଷ ଲୋକସଂଖ୍ୟା ଥିବା ବେଳେ ୧୪ ଲକ୍ଷରୁ ଅଧିକ ପଞ୍ଜୀକୃତ ଯାନ ରହିଥିଲା। ପଞ୍ଜୀକୃତ ଯାନ ସଂଖ୍ୟା ବାର୍ଷିକ ୩-୫ ପ୍ରତିଶତ ହାରରେ ବୃଦ୍ଧି ପାଉଥିବା ବେଳେ ଅନେକ ବାହାର ଗାଡ଼ି ମଧ୍ୟ ରାଜଧାନୀକୁ ପ୍ରବେଶ କରୁଛି । ବହୁ ଲୋକଙ୍କ ଘରେ ଏକାଧିକ ଗାଡ଼ି ରହିଛି। ଅନେକଙ୍କ ଦୁଇଚକିଆ ସମେତ ୪ଚକିଆ ଯାନ ରହିଛି। ଫଳରେ ଲୋକସଂଖ୍ୟା ତୁଳନାରେ ଗାଡ଼ି ସଂଖ୍ୟା ଅଧିକ ରହିଛି । ଏହି କାରଣରୁ ରାସ୍ତାରେ ଯାତାୟାତ କରିବାରେ ନାହିଁନଥିବା ସମସ୍ୟା ଉପୁଜୁଛି। ଅକାଳରେ ଚାଲିଯାଉଛି ଜୀବନ। କେତେବେଳେ ଗାଡ଼ିରେ ନିଆଁ ଲାଗିଯାଉଛି ତ ଆଉ କେତେବେଳେ ଦୁର୍ଘଟଣାରେ ଜୀବନ ଯାଉଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ହେଉନଥିବାର ଅଭିଯୋଗ ହେଉଛି। ଦୁଇ ଚକିଆ ପୁରୁଣା ମୋଟରସାଇକଲକୁ ନୂଆରୂପ ଦେଇ ଯୁବପିଢ଼ି ଚଳାଉଛନ୍ତି। ସେହିଭଳି ଚାରି ଚକିଆ ମାଲବୁହା ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ପ୍ରତି ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ସେଗୁଡ଼ିକ ପଥଚାରୀ ଏବଂ ଅନ୍ୟ ଗାଡ଼ି ଚାଳକଙ୍କ ପ୍ରତି ଅଧିକ ବିପଦ ସୃଷ୍ଟି କରୁଛି । ଏଭଳି ବେଆଇନ୍ ଗାଡ଼ି ଚଳାଚଳ ପାଇଁ ପରିବହନ ବିଭାଗ କଡ଼ା ପଦକ୍ଷେପ ଗ୍ରହଣ କରୁନି ବୋଲି କହନ୍ତି ରାଜଧାନୀବାସୀ ମାନସ କୁମାର ସ୍ୱାଇଁ। ଫିଟ୍‌ନେସ୍ ନଥିବାରୁ ଗତ ଏପ୍ରିଲ୍ ଏବଂ ମେ ମାସରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ-୨ ପକ୍ଷରୁ ୩୮ଟି ଗାଡ଼ିରୁ ୧ଲକ୍ଷ ୯୦ ହଜାର ଟଙ୍କା ଜୋରିମାନା ଆଦାୟ ହୋଇଥିବା ଜଣାପଡ଼ିଛି। ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନା କହନ୍ତି, ପ୍ରତିଦିନ ସହରରେ ଗାଡ଼ି ଏବଂ ଗାଡ଼ି ଚାଳକଙ୍କ ଉପରେ ନଜର ରଖାଯାଉଛି। ଗାଡ଼ିଗୁଡ଼ିକ ଯାଞ୍ଚ କରାଯାଇ ଜୋରିମାନା ଆଦାୟ ହେଉଛି।

# ପକ୍ଷୀଙ୍କ ପାଇଁ କାଳ ସାଜୁଛି ଟାୱାର ! ହଜିଗଲେଣି ଘର ଚଟିଆ





**ବରଗଡ, ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ହଜିଗଲେଣି ଘର ଚଟିଆ, କୋଇଲି ଭଳି ପକ୍ଷୀ । ପୂର୍ବ ପରି ସକାଳୁ ଆଉ ଶୁଭୁନାହିଁ ପକ୍ଷୀଙ୍କ ରାବ । ଆଧୁନିକ ଜୀବନରେ ମଣିଷ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେଉଥିବା ବେଳେ ଏହା କିନ୍ତୁ ପକ୍ଷୀମାନଙ୍କ ଉପରେ କୁପ୍ରଭାବ ପକାଉଛି । ଫଳରେ ଲୋପ ପାଇବାକୁ ବସିଲେଣି ଘର ଚଟିଆ, କୋଇଲି ଭଳି ବିଭିନ୍ନ ପକ୍ଷୀଙ୍କ ସଂଖ୍ୟା । ଯାହାକୁ ନେଇ ଏବେ ଚିନ୍ତାରେ ପରିବେଶବିତ ।

ବରଗଡ ଜିଲ୍ଲାରେ ୫ଏ ଟାୱାର ସ୍ଥାପନ ହେବାର ଗୋଟିଏ ବର୍ଷ ପରେ ସ୍ଥାନୀୟ ପରିବେଶରେ ପରିବର୍ତ୍ତନ ଦେଖାଦେଇଛି । ସମୟ ଥିଲା ସହରରେ ସକାଳର ସୂର୍ଯ୍ୟକିରଣ ସାଙ୍ଗକୁ କୋଇଲିର ସୁମଧୁର କୁହୁ କୁହୁ ରାବ ଓ ଘର ଚଟିଆର କିଚିରି ମିଚିରି ଶବ୍ଦ ମନମୁଗ୍ଧ କରିଦେଉଥିଲା । କିନ୍ତୁ ନୀରବ ହୋଇପଡିଛି ଆକାଶ। ନିଖୋଜ ହୋଇଯାଇଛନ୍ତି ସେହି ମନମୁଗ୍ଧ କରିଦେଉଥିବା ପକ୍ଷୀମାନେ । ତେବେ ପକ୍ଷୀ ମାନଙ୍କର ଅଦୃଶ୍ୟ ହୋଇଯିବା ଘଟଣା ବରଗଡର ପରିବେଶ ପ୍ରେମୀ ମାନଙ୍କୁ ଚିନ୍ତାରେ ପକାଇଦେଇଛି । ବରଗଡର ଇତିହାସକୁ ଦେଖିଲେ ବିଗତ କିଛି ବର୍ଷ ପୂର୍ବରୁ ବରଗଡ ସହରରୁ ସଂପୂର୍ଣ୍ଣ ଭାବେ ଉଭାନ ହୋଇଯାଇଥିଲେ ଘରଚଟିଆ । ଏହା ପରେ ପରେ ଧୀରେ ଧୀରେ କୋଇଲି ଏବଂ କୁମ୍ଭାଟୁଆ ପକ୍ଷୀ ମଧ୍ୟ ଅଦୃଶ୍ୟ ହୋଇଗଲେଣି । ଏପରି ପରିସ୍ଥିତରେ କିଛି ପରିବେଶପ୍ରେମୀ କହିଛନ୍ତି ଯେ, ଘରଚଟିଆ କୀଟପତଙ୍ଗ ଖାଇ ବଞ୍ଚିଥାନ୍ତି ମାତ୍ର ବରଗଡରେ ହେଉଥିବା ଚାଷରେ ମାତ୍ରାଧିକ ସାର ଓ କୀଟନାଶକ ବ୍ୟବହାର କାରଣରୁ ବିଲରେ କୀଟପତଙ୍ଗ ରହିଲେ ନାହିଁ । ଘରଚଟିଆ ଖାଦ୍ୟ ନପାଇ ଖାଦ୍ୟ ଅନ୍ୱେଷଣରେ ଅନ୍ୟତ୍ର ଚାଲିଗଲେ । ଆଉ କେତେକ ପରିବେଶବିତ ଅନୁମାନ କରିଛନ୍ତି ଯେ ଆଧୁନିକ ଜୀବନରେ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେଇ ଗଢାଯାଉଥିବା ମୋବାଇଲ ଟାୱାରମାନ ମଧ୍ୟ କୋଇଲି ଓ କୁମ୍ଭାଟୁଆ ପରି ପକ୍ଷୀଙ୍କ ଅଦୃଶ୍ୟ ହେବାର ମଧ୍ୟ ଏକ କାରଣ ।

ବିଶେଷଜ୍ଞମାନେ ଅନୁମାନ କରିଛନ୍ତି ଯେ, ନୂତନ ସ୍ଥାପିତ ୫ଏ ଟାୱାର ଦ୍ୱାରା ନିର୍ଗତ ବିକିରଣ ଏବଂ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ କୋଇଲି ପରି ବଡ ଆକାରର ପକ୍ଷୀଙ୍କ ଅଦୃଶ୍ୟ ହେବାରେ ଏକ ପ୍ରମୁଖ କାରଣ । ୫ଏ ଟେକ୍ନୋଲୋଜି ଦ୍ୱାରା ଦ୍ରୁତ ଇଣ୍ଟରନେଟ୍ ଗତି ଏବଂ ଉନ୍ନତ ଧରଣର ସଂଯୋଗୀକରଣ ହେଉଥିବା ବେଳେ କିନ୍ତୁ ବନ୍ୟଜନ୍ତୁ ଓ ବିଶେଷକରି ପକ୍ଷୀମାନଙ୍କ ଉପରେ ଏହାର କୁପ୍ରଭାବ ପକାଇଥାଏ । ଯାହା ଏବେ ବରଗଡ଼ରେ ପ୍ରମାଣିତ ହୋଇଥିବା ଜଣାପଡୁଛି ।

ଇକୋସିଷ୍ଟମର ସନ୍ତୁଳନ ବଜାୟ ରଖିବାରେ ପକ୍ଷୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନେ ବିହନ ବିସ୍ତାର, କୀଟନାଶକ ନିୟନ୍ତ୍ରଣ ଏବଂ ପ୍ରଦୂଷଣ ରୋକିବାରେ ସହାୟ ହୋଇଥାନ୍ତି । ପକ୍ଷୀ ମାନଙ୍କର ଜନସଂଖ୍ୟା ହରାଇବା କିମ୍ବା ଅଦୃଶ୍ୟ ହୋଇଯିବା ସ୍ଥାନୀୟ ଅଞ୍ଚଳର ଇକୋସିଷ୍ଟମ ପ୍ରକ୍ରିୟାକୁ ସଂପୂର୍ଣ୍ଣ ରୋକିଦେଇଥାଏ, ଯାହା ପରିବେଶ ପାଇଁ ଅପ୍ରତ୍ୟାଶିତ ପରିଣାମ ସୃଷ୍ଟି କରିଥାଏ । ଘର ଚଟିଆ ପରେ ବର୍ତ୍ତମାନ କୋଇଲି ଓ କୁମ୍ଭାଟୁଆ ମାନଙ୍କର ଅଦୃଶ୍ୟତା କେବଳ ପକ୍ଷୀମାନଙ୍କର କ୍ଷତି ନୁହେଁ ବରଂ ବରଗଡର ଇକୋସିଷ୍ଟମ ବିପଦରେ ଥିବାର ଏକ ସଙ୍କେତ ଅଟେ । ଯଦି ସାମ୍ପ୍ରତିକ ଧାରା ଅବ୍ୟାହତ ରହେ, ତେବେ ବରଗଡ ତଥା ଆଖପାଖ ଅନ୍ୟାନ୍ୟ ଅଞ୍ଚଳରେ ଅନେକ ପ୍ରଜାତିର ପକ୍ଷୀ ମାନେ ମଧ୍ୟ ଲୋପ ପାଇଯିବେ ଏବଂ ପର୍ଯ୍ୟାୟ କ୍ରମେ କୀଟନାଶକ ବୃଦ୍ଧି, ଉଦ୍ଭିଦଗୁଡିକର ପ୍ରଦୂଷଣ ହ୍ରାସ କ୍ଷମତା ସହ ସନ୍ତୁଳିତ ପରିବେଶ ଉପରେ ବ୍ୟାପକ ପ୍ରଭାବ ପକାଇପାରେ। ବନ୍ୟଜନ୍ତୁ ଓ ପକ୍ଷୀ ମାନଙ୍କ ଉପରେ ଯେପରି ମୋବାଇଲ ଟାୱାର ଦ୍ୱାରା ହେଉଥିବା ପ୍ରତିକୂଳ ପ୍ରଭାବକୁ ହ୍ରାସ କରାଯାଇପାରିବ ଓ ବୈଷୟିକ ପ୍ରଗତିକୁ ସନ୍ତୁଳିତ କରାଯାଇପାରିବ ସେହି ଦିଗରେ ବିକିରଣ ନିର୍ଗମନ ଉପରେ କଠୋର ନିୟମାବଳୀ ଜରୁରୀ ହେବା ଦରକାର ବୋଲି ମତ ପ୍ରକାଶ ପାଇଛି । ଆଜିର ଆଧୁନିକ ଯୁଗରେ ପ୍ରକୃତି ଓ ପରିବେଶକୁ ଭୁଲି ମଣିଷ ଟେକ୍ନୋଲୋଜିକୁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଆଗାମୀ ଦିନରେ ଏହା ଭୟଙ୍କର ହୋଇପାରେ ବୋଲି ଏହି ପକ୍ଷୀମାନଙ୍କ ଅଦୃଶ୍ୟତା ସୂଚନା ଦେଇଛି ବୋଲି ମତ ରଖିଛନ୍ତି ପରିବେଶବିତ । ଏଣୁ ସମୟ ଥାଉ ଥାଉ ସତର୍କ ହେବାର ଆବଶ୍ୟକ ରହିଛି।

ସମ୍ପାଦକୀୟ

30 YEARS

ସମ୍ବାଦ କଳିକା

# ଯୁବପିଢ଼ିଙ୍କୁ ଚାକିରି ଯୋଗାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ

ଅଧିକ ସଂଖ୍ୟାରେ ଯୁବପିଢ଼ି ଶ୍ରମ ବଜାରରେ ପ୍ରବେଶ କରୁଥିବାରୁ ସେମାନଙ୍କୁ ଚାକିରି ଯୋଗାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏକ ସର୍ଭେରୁ ଜଣାପଡ଼ିଛି ଯେ ୨୦୩୦ ସୁଦ୍ଧା ଭାରତରେ ୧୧.୫ କୋଟି ଚାକିରି ଦରକାର। ଅର୍ଥନୀତିକୁ ଆଗକୁ ବଢ଼ାଇ ଆବଶ୍ୟକ ଚାକିରି ସୃଷ୍ଟି କରିବା ଲାଗି ସେବା ଓ ମାନୁଫାକ୍ଚରିଂ କ୍ଷେତ୍ରକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି। ନାଟିସିଆ ଏସ୍ଏର ବରିଷ୍ଠ ଅର୍ଥନୀତିଜ୍ଞ ଟି ନୁୟେନ୍ କହିଛନ୍ତି ଯେ ଭାରତକୁ ପ୍ରତିବର୍ଷ ପ୍ରାୟ ୧.୬ ଲକ୍ଷ ନୂଆ ଚାକିରି ସୃଷ୍ଟି କରିବାକୁ ପଡ଼ିବ। ସେଥିରୁ ୧୦ ଲକ୍ଷରୁ ଅଧିକ ଚାକିରି ସଂଗଠିତ କ୍ଷେତ୍ରରେ ସୃଷ୍ଟି ହେବା ଦରକାର। ପୂର୍ବ ଦଶନ୍ଧିରେ ଭାରତ ବାର୍ଷିକ ୧୨ ଲକ୍ଷ ୪୦ ହଜାର ନିଯୁକ୍ତି ସୃଷ୍ଟି କରିଥିଲା। ବିପୁଳ ପରିମାଣର ନିଯୁକ୍ତି ସୃଷ୍ଟି କରିବା ଲାଗି ଭାରତୀୟ ଅର୍ଥନୀତିର ପ୍ରତିଟି କ୍ଷେତ୍ରକୁ ଯୋଗଦାନ ଦେବାକୁ ପଡ଼ିବ। ବିଶେଷ କରି ଆସନ୍ତା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ମାନୁଫାକ୍ଚରିଂ ଓ ସେବା କ୍ଷେତ୍ରକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବାକୁ ପଡ଼ିବ ବୋଲି ସେ କହିଛନ୍ତି। ଗତ ଦଶନ୍ଧିରେ ଯଦିଓ ବର୍ଷକୁ ୧୨ ଲକ୍ଷ ପାଖାପାଖି ନିଯୁକ୍ତି ସୃଷ୍ଟି ହୋଇଥିଲା, କିନ୍ତୁ ସେଥିରୁ ମାତ୍ର ୧୦ ପ୍ରତିଶତ ନିଯୁକ୍ତି ସଂଗଠିତ କ୍ଷେତ୍ରରେ ରହିଥିଲା। ଦେଶର ଶ୍ରମଶକ୍ତିର ଅଂଶଗ୍ରହଣ ହାର ୫୮ ପ୍ରତିଶତ ହୋଇଥିବା ବେଳେ ଏସିଆର ଅନ୍ୟ ଦେଶଗୁଡ଼ିକ ତୁଳନାରେ କମ୍। ଭାରତୀୟ ଅର୍ଥନୀତି ୭ ପ୍ରତିଶତ ହାରରେ ଆଗକୁ ବଢ଼ୁଥିଲେ ମଧ୍ୟ ୧୪୦ କୋଟିରୁ ଅଧିକ ଜନସଂଖ୍ୟା ଲାଗି ଆବଶ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ତାହା ଯଥେଷ୍ଟ ନୁହେଁ ବୋଲି ସେ କହିଛନ୍ତି।

# ଶ୍ରୀ ଜଗନ୍ନାଥ ଓ ଆୟୁର୍ବେଦ



ଡାକ୍ତର ଦୀନବନ୍ଧୁ ମହାରଣା
ଡିଲିଟ୍‌ପ୍ରାପ୍ତ ଆୟୁର୍ବେଦ ଗବେଷକ ୧୧୧,
ମୁନିସପାଲ ମାର୍କେଟ୍ କମ୍ପ୍ଲେକ୍ସ,
ଓଏମ୍‌ପି ଛକ, କଟକ
ମୋ :୯୪୩୭୦୪୩୧୦୩

ଶ୍ରୀମନ୍ଦିରର ବହୁ କାର୍ଯ୍ୟରେ ଆୟୁର୍ବେଦ ଔଷଧ ବୃକ୍ଷର ଉପଯୋଗ ହୋଇଆସୁଛି। ସେହି ବନୌଷଧିଗୁଡ଼ିକ ହେଲା ନିମ୍ବ, ତୁଳସୀ, ଚନ୍ଦନ, ତ୍ରିଫଳା, କର୍ପୂର ଓ ଜାଇଫଳ ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ଜନଜୀବନ, ସଂସ୍କୃତି ଓ ପରମ୍ପରା ପ୍ରତିଫଳିତ ହୋଇଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ମାନବୀୟ ଲୀଳାରେ ସମୃଦ୍ଧ ଏହି ସଂସ୍କୃତି। ଜଗନ୍ନାଥଙ୍କ ମହାପ୍ରସାଦର ମହିମା କେବଳ ଧର୍ମୀୟ ଦୃଷ୍ଟିରେ ସୀମିତ ନୁହେଁ ଏହା ମଧ୍ୟ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ଚଉଷଠୀ ପ୍ରକାର ଅନ୍ନବ୍ୟଞ୍ଜନ ପ୍ରସ୍ତୁତିରେ ଯେଉଁ ପ୍ରକ୍ରିୟା ରହିଛି, ତାହା ପ୍ରଦୂଷଣମୁକ୍ତ। ଅବଢା କୁଡୁଆରେ (ମାଟିପାତ୍ର) ପରିବେଷ୍ଟିତ ଏହି ମହାପ୍ରସାଦ ଶାନ୍ତିପ୍ରଦ, ସଂପୂର୍ଣ୍ଣ ନିରାମିଷ ଏବଂ ଉତ୍ତେଜନାବିହୀନ। ଏହି ଖାଦ୍ୟ ସେବନ କଲେ ଶରୀର ଓ ମନ ଶାନ୍ତ, ଶୀତଳ ହୁଏ। ଆମ ହିନ୍ଦୁ ଧର୍ମର ପରମ୍ପରାରେ ଅନ୍ନକୁ ବ୍ରହ୍ମ ଭାବରେ କୁହାଯାଇଛି। ପୁରୀ ଶ୍ରୀକ୍ଷେତ୍ର ହେଉଛି ଅନ୍ନବ୍ରହ୍ମଙ୍କର ଉପାସନାର ପୀଠ। ଆୟୁର୍ବେଦରେ ଅନ୍ନ ଅର୍ଥ ଜୀବନଶକ୍ତି। ତେଣୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନରେ ଯେଉଁ ଗୁଣଧର୍ମ ରହିଥାଏ ତାହା ଆମର ସ୍ୱାସ୍ଥ୍ୟ ପାଇଁ ସର୍ବାଦୌ ଅନୁକୂଳ ଓ ଉପକାରୀ।

ମଣିଷ ଯେପରି ରୋଗରେ ଆକ୍ରାନ୍ତ ହୁଏ, ଜଗତର ନାଥ ହୋଇ ମଧ୍ୟ ଶ୍ରୀ ଜଗନ୍ନାଥ ସେଥିରୁ ବାଦ ଯାଇନାହାନ୍ତି। ସାଧାରଣ ମଣିଷକୁ ଯେପରି ଜ୍ୱର ହୁଏ, ଶ୍ରୀ ଜଗନ୍ନାଥ ସେହିପରି ପ୍ରତିବର୍ଷ ଆଷାଢ଼ ମାସ ପ୍ରତିପଦଠାରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରାକ୍ରାନ୍ତ ହୋଇଥାନ୍ତି। ଜ୍ୱର ହେଲେ ରୋଗୀକୁ ଯେପରି ଭାତ ଖାଇବାକୁ ମନା କରାଯାଏ, ସେହିପରି ଶ୍ରୀଜଗନ୍ନାଥଙ୍କୁ ତାଙ୍କର ନିତ୍ୟନୈମିତିକ ପ୍ରସାଦରୁ ବଂଚିତ କରାଯାଇ କେବଳ ଦୁଗ୍ଧ ସର, ଫଳ, ମୂଳ ଆଦି ଭୋଗ କରାଯାଏ। ଏହି ଜ୍ୱରରୁ ଆରୋଗ୍ୟ ହେବା ପାଇଁ ଶ୍ରୀଜଗନ୍ନାଥଙ୍କୁ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ଦଶମୂଳ ମୋଦକ ପ୍ରଦାନ କରାଯାଇଥାଏ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ଦଶମୂଳ ମୋଦକ ଦଶଟି ବୃକ୍ଷଲତାରୁ ପ୍ରସ୍ତୁତ କରାଯାଇଥାଏ । ଏଥିରେ ବୃହତ ପଂଚମୂଳ ଏବଂ ଲଘୁ ପଂଚମୂଳ ସାମିଲ ହୋଇଥାଏ । ବୃହତ୍ ପଂଚମୂଳ ହେଲା ବେଲ , ଅଗ୍ନିମନ୍ଥ , ଗମ୍ଭାରୀ , ଶ୍ୱେନାକ , ପାଟଳା ଏବଂ ଲଘୁ ପଂଚମୂଳ ହେଲା ବୃହତୀ , କଂଟକରୀ, ଶାଳପର୍ଣ୍ଣୀ , ଗୋକ୍ଷୁରା, ପୃଷ୍ଣପର୍ଣ୍ଣୀ। ଏହା ତ୍ରିଦୋଷ ନାଶକ। ଏହି ଦଶମୂଳ ମୋଦକ ଖାଇବା ପରେ ଶ୍ରୀଜଗନ୍ନାଥ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି।

ସଂସ୍କୃତିର ପ୍ରତୀକ ତୁଳସୀ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଏକ ପ୍ରଧାନ ଦ୍ରବ୍ୟ। ଏହା ମହାପ୍ରଭୁଙ୍କ ତିନିବାଡରେ ଦିନର ସବୁ ସମୟରେ ଲାଗି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଛଡ଼ାତୁଳସୀ ସେବକ, ସୁଆର କିମ୍ବା ସାଧାରଣ ଭକ୍ତଙ୍କ ପାଇଁ ଏକ ଅମୂଲ୍ୟ ପଦାର୍ଥ । ଦ୍ରବ୍ୟଗୁଣ ଦୃଷ୍ଟିରୁ ତୁଳସୀ ବହୁ ହିତକାରୀ ଓ ବହୁରୋଗ ଆଶ୍ଚର୍ଯ୍ୟଜନକ ଭାବେ ଆରୋଗ୍ୟ କରିଥାଏ । ଆୟୁର୍ବେଦ ଔଷଧ ସହିତ ଏହା ଅନୁପାନ ରୂପେ ବ୍ୟବହୃତ ହୋଇଥାଏ। ଦ୍ୱାପର ଯୁଗରେ ସତୀ ତୁଳସୀର ଅଭିଶାପ ଥିଲା ତୁଳସୀ ଶ୍ରୀକୃଷ୍ଣଙ୍କର ମୁଣ୍ଡ ଉପରେ ରହିବା ପାଇଁ । ତେଣୁ ଏ ଯୁଗରେ ତୁଳସୀ ଶ୍ରୀ ଜଗନ୍ନାଥଙ୍କର ଶିର ମଣ୍ଡନ କରିବା ସହିତ ଭୋଗରେ ଲାଗି ହୋଇଥାଏ ।

ସ୍ୱଦେଶୀ ଚିକିତ୍ସା ପଦ୍ଧତି ଆୟୁର୍ବେଦର ମୌଳିକ ଉପାଦାନ ନିମ୍ବ, ତୁଳସୀ, ହରିଦ୍ରା, ଅଁଳା, କର୍ପୂର, ଚନ୍ଦନ ଓ ଜାଇଫଳ ବୃକ୍ଷ ସହ ଶ୍ରୀଜଗନ୍ନାଥ ନିଜକୁ ଯେପରି ଭାବେ ସଂପୃକ୍ତ କରିଛନ୍ତି ତାହା ଚିକିତ୍ସା ବିଜ୍ଞାନ ଓ ଆଧାତ୍ମିକତା ମଧ୍ୟରେ ଏକ ସୁନ୍ଦର ସେତୁ ନିର୍ମାଣ କରିଥାଏ । ନିମ୍ବ, ବିଲ୍ୱ ଓ ତୁଳସୀ ଆଦି ବୃକ୍ଷ ହିନ୍ଦୁ ଧର୍ମ ଓ ସଂସ୍କୃତିରେ ଦେବଯୋଗ୍ୟ ମର୍ଯ୍ୟାଦା ଲାଭ କରିଛି । ପ୍ରତ୍ୟେକ ହିନ୍ଦୁ ଘରର ଅଗଣାରେ ତୁଳସୀ ବୃକ୍ଷର ଚଉଁରା ସହିତ ବୃନ୍ଦାବତୀଙ୍କୁ ପୂଜା କରିବାର ପ୍ରଥା ଅତ୍ୟନ୍ତ ପ୍ରାଚୀନ । ସେହିପରି ବିଲ୍ୱପତ୍ର ଓ ଫଳ ଯେପରି ଶୈବ ଉପାସକଙ୍କ ପାଇଁ ମହତ୍ୱପୂର୍ଣ୍ଣ, ତୁଳସୀ ବୃକ୍ଷ ମଧ୍ୟ ଶ୍ରୀ ଜଗନ୍ନାଥଙ୍କ ପାଇଁ ତତୋଧିକ ମହତ୍ୱପୂର୍ଣ୍ଣ ।

ଶ୍ରୀଜଗନ୍ନାଥ ବିଗ୍ରହ ଶ୍ରୀମୁଖରେ ବହୁ ପ୍ରକାର ରଙ୍ଗ ପ୍ରଲେପ ଦିଆଯାଏ। ହିଙ୍ଗୁଳ, ହରିତାଳ, ଶଙ୍ଖ ଓ ବଳା ସହ କସ୍ତୁରୀ ଓ କର୍ପୁର ମିଶ୍ରଣ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଏ । କସ୍ତୁରୀ ଓ କର୍ପୂରରେ ବହୁ ଔଷଧୀୟ ଗୁଣ ଭରପୁର ହୋଇ ରହିଥିବାରୁ ଏଥିରେ ଆୟୁର୍ବେଦର ବହୁ ମୂଲ୍ୟବାନ ଔଷଧ ପ୍ରସ୍ତୁତ କରାଯାଇପାରୁଛି । ପ୍ରତ୍ୟେକ ଉତ୍କଳୀୟଙ୍କ ପରି ଶ୍ରୀଜଗନ୍ନାଥ ମଧ୍ୟ ସକାଳୁ ଉଠିବା ପରଠାରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ଦାନ୍ତ ଘଷିବା, ସ୍ନାନ କରିବା ଓ ଭୋଜନାଦି କରିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ପ୍ରତି ସକାଳର ମଙ୍ଗଳ ଆରତି ପରେ ଅବକାଶ ବା ସ୍ନାନ କରାଯାଇଥାଏ । ଏହି ସ୍ନାନ ଜଳ କର୍ପୂର, ଦହି, ଅଁଳା, ଚନ୍ଦନ ଓ ସୁବାସିତ ଫୁଲର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ । ଦହିର ପାଂଚ ପ୍ରକାରଭେଦ ମଧ୍ୟରେ ମଧୁର ଦହି ବୀର୍ଯ୍ୟବର୍ଦ୍ଧକ ବାତନାଶକ । ଅଁଳା ହେଉଛି ଦେହର ସୌନ୍ଦର୍ଯ୍ୟ ବୃଦ୍ଧିକାରକ, ଚକ୍ଷୁ ନିର୍ମଳକାରକ । ଚନ୍ଦନ ହେଉଛି ପିତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, ଦାହ, କୃମି, ମୁଖରୋଗ, ରକ୍ତପିତ, ପାଣ୍ଡୁ, ଶ୍ୱାସ, କାଶପ୍ରଶମକ ଅଟେ । ଜଗନ୍ନାଥଙ୍କ ଦେହରୁ ଚନ୍ଦନ ଓ କରାଳ ବାହାରେ, ତାହା କୌଣସି ଝାଡ଼ା ରୋଗୀଙ୍କୁ ଦିଆଗଲେ ଔଷଧ ସଦୃଶ କାମ କରିଥାଏ । ଏଥିରେ କୌଣସି ମନ୍ତ୍ର ମହୌଷଧିର ବ୍ୟବସ୍ଥା ନଥାଏ । କେବଳ ବିଶ୍ୱାସ ହିଁ ମୂଳକଥା । ଶ୍ରୀକ୍ଷେତ୍ରର ବାତାବରଣ ସ୍ୱାସ୍ଥ୍ୟପ୍ରଦ ହୋଇଥିବା କାରଣରୁ ଦେଶର ବିଭିନ୍ନ ଅଂଚଳରୁ ଏପରିକି ବିଦେଶାଗତ ଦର୍ଶକମାନେ ଏଠାକୁ ପ୍ରତ୍ୟହ ଆସିଥାନ୍ତି । ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟ, ସୁଖ, ଶାନ୍ତି ଓ ଆନନ୍ଦ । ଶ୍ରୀକ୍ଷେତ୍ରର ପରିସୀମାରେ ସମୁଦ୍ର ଉପକୂଳ ଅନ୍ୟତ୍ର ଆକର୍ଷକ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏହି କ୍ଷେତ୍ରକୁ ଆସି ଗୋଟିଏ ସୁସ୍ଥ ଜୀବନର ଆଶା ରଖିଥାନ୍ତି। ତାହା ମଧ୍ୟ ପୂରଣ ହୁଏ ।

# ଗୋପୀ ପ୍ରେମ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରେମ କ'ଣ? ତାହା କିପରି ପ୍ରାପ୍ତ ହେବ ଓ ସେଥିରୁ କିଭଳି ଉପକୃତ ହୋଇପାରିବା ସେ ସମ୍ପର୍କୀୟ କିଛିଟା ଧାରଣା ସାଧାରଣଙ୍କର ନଥାଏ। କେବଳ ଦୈହିକ ସମ୍ପର୍କକୁ ନେଇ ହୋଇଥାଏ ପ୍ରେମ ଯାହାକୁ କେବଳ ସାଧାରଣ ଲୋକେ ବୁଝିଥାନ୍ତି। ମାତ୍ର ପ୍ରେମ ଶବ୍ଦ ହିଁ ବଡ଼ ଅଦ୍ଭୁତ। ପୁଣି ପ୍ରେମର କଥା ଏପରି ଯେ ଯେଉଁଠାରେ ଆମେ ଆଦୌ ପହଞ୍ଚିପାରିବା ନାହିଁ। ଆଉ ଯଦି ତାହା ପ୍ରାପ୍ତ ହୋଇଗଲା ତେବେ ସମସ୍ତ କାର୍ଯ୍ୟ ପ୍ରାୟଶଃ ହୋଇଯାଏ ଅଚଳ। ସେପରି ଅବସ୍ଥା କାହାଠାରେ ଦେଖାଦେଲେ ସେ ନିଜେ ନିଜକୁ ସମ୍ଭାଳି ପାରେନାହିଁ। ଏହି ମର ଜଗତରେ ପ୍ରେମ ସହିତ କୌଣସି ପଦାର୍ଥ ତୁଳନୀୟ ନୁହେଁ। ବ୍ରଜ ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପ୍ରେମ କରୁଥିଲେ। ସେପରି ପ୍ରେମରେ ସେମାନେ ପାଉଥିଲେ ଅମୃତ ଧାରାର ଆସ୍ୱାଦନ। ତେଣୁ ଗୋପୀମାନଙ୍କ ପ୍ରେମ ଏହି ସଂସାରରେ ବିରଳ ବୋଲି ଶାସ୍ତ୍ରକାରମାନଙ୍କର ମତ ଥାଏ। ଯେତେବେଳେ ବ୍ରଜ ଗୋପୀମାନେ ବୃନ୍ଦାରଣ୍ୟରେ ରାତ୍ରୀର ଗଭୀର ପ୍ରହରରେ ଶ୍ରୀକୃଷ୍ଣଙ୍କୁ ଭେଟିବାକୁ ଯାଇଥିଲେ ସେତେବେଳେ ସେ ସେମାନଙ୍କୁ ପ୍ରଶ୍ନ ପଚାରିଥିଲେ ଯେ ତୁମେମାନେ ଏତେ ରାତିରେ ନିଜ ନିଜର ପତିମାନଙ୍କୁ ଛାଡ଼ି ମୋ ପାଖକୁ ପୁଣି ବୃନ୍ଦାବନ ଭଳି ଯମୁନା କୂଳର ଘୋର ଅରଣ୍ୟକୁ କାହିଁକି ଆସିଛ? ତାଙ୍କର ସେପରି ପ୍ରଶ୍ନର ଉତ୍ତରରେ କହିଥିଲେ ଯିଏ ସମସ୍ତ ଜଗତର ପତି ଜଗନ୍ନାଥ ଆମ୍ଭେମାନେ କେବଳ ତାଙ୍କରି ପାଖକୁ ଆସିଛୁ। ଯେଉଁ ସାଂସାରିକ ପତି କେବଳ ଗୃହ ସୀମା ମଧ୍ୟରେ ଆବଦ୍ଧ ତାଙ୍କରି କଥା ଆପଣ କହୁଛନ୍ତି କି? କହନ୍ତୁ ତ ସେମାନେ କିଭଳି ପତି? ହେ ପ୍ରଭୁ! ଆପଣ ହିଁ ଜଗତପତି ଜଗନ୍ନାଥ। ତେଣୁ ଆମ୍ଭେମାନେ ଆପଣଙ୍କ ନିକଟକୁ ଆସିଛୁ, କେବଳ ଦର୍ଶନ ନିମନ୍ତେ। ଦେଖିବାକୁ ଗଲେ ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ସମସ୍ତ ବିଶ୍ୱବ୍ରହ୍ମାଣ୍ଡର ସ୍ରଷ୍ଟା ଓ ପରିଚାଳକ। ତାଙ୍କ ବ୍ୟତୀତ ଏହି ଜଗତରେ ଦ୍ୱିତୀୟ କେହି ନାହାନ୍ତି। ପୁଣି ସେ ହେଉଛନ୍ତି ଅତୀନ୍ଦ୍ରିୟ ଶକ୍ତି। ଯାହାଙ୍କର କୌଣସି ରୂପରେଖ ନାହିଁ। ଆଉ ସିଏ ସର୍ବତ୍ର ବିଦ୍ୟମାନ। ଏହି ମର ଜଗତରେ ଚାଲିଥିବା ସମସ୍ତ ଲୀଳା ହେଉଛି ତାଙ୍କର ସୃଷ୍ଟି। ତାଙ୍କଠାରୁ କିଭଳି ପ୍ରେମ ଆମେ ଆଶା କରିପାରିବା? ତେଣୁ ତାଙ୍କୁ ଯେଉଁମାନେ ପ୍ରେମ କରୁଛନ୍ତି ଅର୍ଥାତ୍ ନିବିଡ଼ ବନ୍ଧନରେ ବାନ୍ଧି ହୋଇ ତାଙ୍କରି ଧ୍ୟାନରେ ସମୟ କଟାଇଥାନ୍ତି ତାହା ହିଁ ଗୋପୀ ପ୍ରେମ। ସେପରି ପ୍ରେମରେ ତାଙ୍କରିଠାରେ ହିଁ ଅନ୍ତକାଳରେ ସେମାନଙ୍କୁ ବିଲୀନ ହୋଇଯିବାକୁ ପଡ଼ିବ। ଶ୍ରୀକୃଷ୍ଣ ମଥୁରା ଆସିବାପରେ ଗୋପପୁରର ଗୋପୀମାନେ କିଭଳି ଅଛନ୍ତି ଦେଖିଆସିବା ନିମନ୍ତେ ଉଦ୍ଧବଙ୍କୁ ବ୍ରଜଧାମକୁ ପଠାଇବା ସହ ତାଙ୍କ ହାତରେ ଚିଠି ଲେଖି ପଠାଇଥିଲେ। ମାତ୍ର ସେଠାରେ ହେଲା କ'ଣ? ଉଦ୍ଧବ ଥିଲେ ଶ୍ରୀକୃଷ୍ଣଙ୍କ ଭଳି ରୂପବାନ। ଶ୍ରୀକୃଷ୍ଣ ଗୋପପୁରକୁ ପୁଣି ଫେରିଆସିଛନ୍ତି ଭାବି ବ୍ରଜର ସମସ୍ତ ଗୋପୀ ଏକତ୍ରିତ ହୋଇଗଲେ। ମାତ୍ର ସେମାନେ ଜାଣିପାରିଲେ ନାହିଁ ଯେ ସେ କିଏ? ଅତୀତ ଲୀଳାରୁ ବହୁ କଥା ସେ ତାଙ୍କୁ ହେଜାଇ ଦେଇଥିଲେ ବି ଉଦ୍ଧବ ଥିଲେ ନିରୁତ୍ତର। ସମସ୍ତ ପ୍ରଶ୍ନ ପଚରା ସରିବା ପରେ ନିରୁତ୍ତର ଉଦ୍ଧବଙ୍କୁ ଦେଖି ଗୋପୀମାନେ ଚକିତ ହୋଇପଡ଼ିଲେ। ଶେଷକୁ ଉଦ୍ଧବ ନିଜର ପରିଚୟ ଦେବାପରେ ବ୍ରଜ ଗୋପୀମାନେ ନିଜର ଭ୍ରମ ବୁଝିପାରି ଶ୍ରୀକୃଷ୍ଣଙ୍କ କଥାସବୁ ତାଙ୍କଠାରୁ ପଚାରି ବୁଝିଥିଲେ। ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣଙ୍କ ନିକଟରୁ ଆଣିଥିବା ଚିଠି ଖଣ୍ଡକୁ ଉଦ୍ଧବ ପଢ଼ିବାକୁ ଯିବାବେଳେ ସେମାନେ ତାହାକୁ ତାଙ୍କ ହାତରୁ ଛଡ଼ାଇ ନେଇ ଚିରିଦେଲେ ଆଉ ପଚାରିଥିଲେ ଆମର କୃଷ୍ଣ ବିଷୟରେ କେବଳ କୁହ। କି ପ୍ରକାର ପ୍ରବୋଧନାର ଚିଠି ସେ ଦେଇଛନ୍ତି? ଆମ୍ଭମାନଙ୍କୁ ଛାଡ଼ି ଯିଏ ମଥୁରାରେ ଏତେ ଦିନ ରହିଯାଇଛନ୍ତି ଓ ଆମେ ଯାହାର ମନରେ ଆସୁନାହୁଁ ସେ କି ପ୍ରକାର ଚିଠି ଲେଖିଥିବେ? ଶ୍ରୀକୃଷ୍ଣ ଓ ଆମ୍ଭମାନଙ୍କ ଭିତରେ କିଛି ପାର୍ଥକ୍ୟ ନାହିଁ। ଏହିଭଳି ପ୍ରକାରର ଚିଠି ଲେଖିବାର ଆବଶ୍ୟକତା କ'ଣ ଥିଲା? ବିସ୍ମିତ ହୋଇଉଠିଲେ ଉଦ୍ଧବ। ଗୋପୀମାନଙ୍କର ଶ୍ରୀକୃଷ୍ଣ ବ୍ୟତୀତ ଅନ୍ୟ କୌଣସି ଭାବନା ନାହିଁ। ତାଙ୍କଠାରୁ ଆସିଥିବା କୌଣସି ପ୍ରକାର ପ୍ରବୋଧନାର ଚିଠିକୁ ଗ୍ରହଣ କରିବାକୁ ସେମାନେ ପ୍ରସ୍ତୁତ ନୁହନ୍ତି। ତେଣୁ ଗୋପୀମାନଙ୍କର ଏପରି ଭାବନାରେ ସ୍ତବ୍ଧ ହୋଇଥିଲେ ଉଦ୍ଧବ। ସେମାନଙ୍କ ଅନ୍ତରରେ ରହିଯାଇଥିବା ଶ୍ରୀକୃଷ୍ଣ ପ୍ରତି ଏକାନ୍ତ ପ୍ରେମ ଭାବନା ଦେଖି ଆଖିରୁ ତାଙ୍କର ଝରିପଡ଼ିଲା ଅଶ୍ରୁର ଧାର ଏବଂ କହିଥିଲେ, "ହେ ବ୍ରଜ ଗୋପୀଗଣ! ତୁମେମାନେ ହିଁ ଧନ୍ୟ। ତୁମ୍ଭମାନଙ୍କର ଅନାବିଳ ପ୍ରେମ ଦେଖି ମୁଁ ନିଜକୁ ତୁମ୍ଭମାନଙ୍କର ଚରଣରେ ଶରଣ ନେଉଛି। ତୁମେମାନେ ହିଁ ପ୍ରକୃତରେ ପ୍ରଭୁଙ୍କର ପରମଭକ୍ତ। ମୁଁ ଯେତେ ବଡ଼ ଶାସ୍ତ୍ରଜ୍ଞ ହେଲେ ମଧ୍ୟ ତୁମ୍ଭମାନଙ୍କର ଭଗବତ ପ୍ରେମ ଦେଖି ନିଜକୁ ହୀନ ମନେ କରୁଛି। ମୁଁ କେବେହେଲେ ତୁମ୍ଭମାନଙ୍କର ସମକକ୍ଷ ହୋଇପାରିବି ନାହିଁ।"

ଯେତେବେଳେ ଉଦ୍ଧବ ବ୍ରଜରେ ପ୍ରଥମେ ପହଞ୍ଚିଥିଲେ ସେତେବେଳେ ଦେଖିଲେ ଯେ କୃଷ୍ଣ ଚିନ୍ତାରେ ସେଠାର ପ୍ରତ୍ୟେକ ବ୍ରଜବାସୀ ରହିଛନ୍ତି। ତାଙ୍କ ବିରହରେ ସମସ୍ତ ବ୍ରଜମଣ୍ଡଳ ହୋଇଯାଇଛି ସ୍ତବ୍ଧ। ଏହା ହିଁ ଗୋପୀ ପ୍ରେମ। ଏଭଳି ଦୁର୍ଲଭ ପ୍ରେମ ମହାନ ସାଧକମାନଙ୍କଠାରେ ମଧ୍ୟ ଦେଖାଯାଏ ନାହିଁ। ଏହି ଧରାଧୂଳିରେ ବହୁ ସାଧୁ ସନ୍ଥ ଜନ୍ମ ନେଇଛନ୍ତି ମାତ୍ର ବ୍ରଜ ଗୋପୀ ପ୍ରେମ ସେମାନଙ୍କଠାରେ ଦେଖାଯିବା ନଜରକୁ ଆସିନାହିଁ।

**ଭିଦ୍ୟତେ ହୃଦୟଗ୍ରନ୍ଥିଶ୍ଛିଦ୍ୟନ୍ତେ ସର୍ବସଂଶୟାଃ।
କ୍ଷୀୟନ୍ତେ ଚାସ୍ୟ କର୍ମାଣି ତସ୍ମିନ୍‌ଦୃଷ୍ଟେ ପରାବରେ॥
(ମଣ୍ଡକୋପନିଷଦ୍ ୨।୨।୮)**

ପରମାତ୍ମାଙ୍କର ସାକ୍ଷାତକାର ହୋଇଯିବା ପରେ ଜୀବ ହୋଇଯାଏ ଉନ୍ମୁକ୍ତ। ସମସ୍ତ ସଂଶୟ ନଷ୍ଟ ହୋଇଯିବା ସହ କର୍ମ ମଧ୍ୟ କ୍ଷୟ ହୋଇଥାଏ। ବ୍ରଜ ଗୋପୀମାନେ ପ୍ରଭୁଙ୍କର ବିଶେଷ ଦୟାକୁ ମାନି ନେଇଥାନ୍ତି। ଯଦି ପ୍ରଭୁଙ୍କ ପ୍ରତି ସାମାନ୍ୟ ପ୍ରେମ ଛଟାର ଆଭାସ ମିଳିଥାଏ ତେବେ ବିଷୟା ଶକ୍ତିର ଲୌକିକ ଶବ୍ଦ ଆପେ ଆପେ ଲୁଚିଯାଏ। ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ଯେପରି ଆଦର କରୁଥିଲେ ତାହାର ଭୂରି ଭୂରି ଆଲୋଚନା ଶାସ୍ତ୍ରମାନଙ୍କରେ ହୋଇଯାଇଛି। ଏଥିରୁ ଜଣାଯାଏ ଯେ ସେହିଭଳି ଭଗବତ ପ୍ରେମକୁ ଯିଏ ଯେଉଁଭଳି ଆଦରି ନେବେ ତାହାର ଶକ୍ତି ମଧ୍ୟ ସେହିଭଳି ଫୁଟିଉଠିବ। ଭାଗବତରେ ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତ ଯେ ମୋ ପ୍ରତି ଭକ୍ତି ଥିବା ପ୍ରେମୀଜନମାନଙ୍କର ଧୂଳି ଟିକିଏ ପଡ଼ିଗଲେ ମୁଁ ବି ପବିତ୍ର ହୋଇଯାଏ।

ଜଣେ ସୁନ୍ଦରୀ ସ୍ତ୍ରୀର ରୂପକୁ ଦେଖି ଜଣେ ପୁରୁଷର ଆସକ୍ତି ବଢ଼ିଥାଏ। ସେହି ସ୍ତ୍ରୀର ରୂପରେ ହିଁ ନିଜ ଦେହ ଆସକ୍ତିର ସମସ୍ତ ଶକ୍ତି ଠୁଳ ହୋଇଯାଏ। ସେହିଭଳି ମହାପୁରୁଷମାନଙ୍କର ଦର୍ଶନରେ ଥାଏ ଅସଂଖ୍ୟ ଗୁଣ। ସେପରି ଦର୍ଶନରେ ମନରେ ଆସିଥାଏ ଭକ୍ତି ଭାବନା ଯାହାକି କ୍ରମଶଃ ବୃଦ୍ଧି ପାଇଥାଏ।

ବ୍ରଜ ଗୋପୀମାନେ ବ୍ରହ୍ମାଙ୍କୁ ଗାଳି ଦେଇଥିଲେ କାରଣ ସେ ଆଖିର ପଲକ କାହିଁକି ତିଆରି କରିଛନ୍ତି। କାରଣ ପଲକ ପଡ଼ିବା ମୁହୂର୍ତ୍ତରେ ହିଁ ପ୍ରଭୁଙ୍କ ଦର୍ଶନରୁ ସେମାନେ ହୋଇଯାଉଥିଲେ ବଞ୍ଚିତ। ତେଣୁ ଶ୍ରୀକୃଷ୍ଣ ଦର୍ଶନ ହିଁ ତାଙ୍କ ପାଇଁ ଥିଲା ଈଶ୍ୱର ଦର୍ଶନ ଓ ଯାହାକୁ କି ସେମାନେ ଅମୃତର ଧାରା ବୋଲି ବିଶ୍ୱାସ କରୁଥିଲେ। ବିଜୁଳିକୁ ଛୁଇଁ ଦେଲେ କଷ୍ଟ ହୁଏ ମାତ୍ର ବିଜୁଳି ମାରିଲେ ତାହାର ଶୋଭା ଯେ କେତେ ମନ ଲୋଭା ତାହା ସେହି ଦର୍ଶକ ହିଁ ଜାଣିଥାଏ। ପିଲା ତାହାର ମାଆ ପାଖକୁ ଯିବା ପାଇଁ କାନ୍ଦିଉଠେ ଓ ସେ କାନ୍ଦ ଶୁଣି ମାଆ ବି ଅବିଳମ୍ବେ ତାହା ପାଖରେ ପହଞ୍ଚିଯାଏ। ମାଆ ପିଲାଟିର ଗୁଣ, ଆଚରଣ, ମୂତ୍ର, ବିଷ୍ଠା ଆଦି କୌଣସି ଦୋଷକୁ ନ ଦେଖି ସେ ସବୁକୁ ସଫା କରିଦିଏ। ସେହିପରି ଭଗବାନ ପ୍ରକୃତ ଭକ୍ତଙ୍କ ପାଖରେ ସର୍ବଦା ରହିଥାନ୍ତି। ଯିଏ ପରମେଶ୍ୱରଙ୍କର ପ୍ରକୃତ ଭକ୍ତ ତାଙ୍କୁ ସେ ଦର୍ଶନ ଦେବାସହ ସମସ୍ତ କଷ୍ଟକୁ ଲିଭାଇ ଦେଇଥାନ୍ତି। ଆଉ ସେପରି ଭକ୍ତର ଦର୍ଶନରେ ସାଧାରଣ ଲୋକ କୃତ୍ୟକୃତ୍ୟ ହୁଅନ୍ତି। ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ଅନୁଗତ ଦାସ ଥିଲେ ଶ୍ରୀହନୁମାନ। ଯେତେବେଳେ ହନୁମାନ ଆସନ୍ତି ପ୍ରଭୁ ଶ୍ରୀରାମଚନ୍ଦ୍ର ମଧ୍ୟ ତାଙ୍କ ପଛରେ ନିଶ୍ଚିତ ଆସିଥାନ୍ତି ବୋଲି ଥାଏ ବିଶ୍ୱାସ। ଭକ୍ତ ଏବଂ ଭଗବାନଙ୍କର ମିଳନ ଯେତେ ଗୁପ୍ତ ହେଉନା କାହିଁକି ଯଦି ଥରେ ତାହା ପ୍ରକଟିତ ହୋଇଗଲା ତେବେ ସେହି ଭକ୍ତ ସାଧାରଣରେ ପୂଜା ପାଇଥାନ୍ତି। ତାଙ୍କୁ ହିଁ ଦର୍ଶନ କଲେ ଭଗବାନଙ୍କର ଆଶୀର୍ବାଦ ମିଳିଥାଏ। ଯେପରି ନଦୀ ପାର ନହେବା ପର୍ଯ୍ୟନ୍ତ ନୌକାକୁ ଅପେକ୍ଷା କରିବାକୁ ପଡ଼େ ସେହିଭଳି ମନରେ ଭଗବତ୍ ପ୍ରେମ ନ ଆସିବା ପର୍ଯ୍ୟନ୍ତ ସାଧନାର ଆବଶ୍ୟକତା ରହିଛି। ପ୍ରତ୍ୟେକ ସାଧକଙ୍କର ଏହା ହିଁ ଭିତ୍ତିଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ରଜ ଗୋପୀମାନଙ୍କର ପ୍ରେମ ପ୍ରତ୍ୟେକଙ୍କ ଜୀବନ ଦର୍ଶନ ହେଉ ଏହା ହିଁ ଜଗତପତି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

# ଅନାଥର ନାଥ କାଳିଆ ସାଆନ୍ତ



ଆଶୁତୋଷ ନାୟକ
ଗୋପାଳପୁର,ବାଲେଶ୍ୱର
ଫୋନ-୭୦୨୦୬୧୧୩୦୦



ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛି ଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ, ବିଚକ୍ଷଣ ବୁଦ୍ଧି ସମ୍ପନ୍ନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/ ୨ ରେ ଏହା ବର୍ଣ୍ଣିତ ଅଛି,

**'କୌମାର ଆଚରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।
ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'**

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପର୍ଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ । ପାଣି ଫୋଟକା ପରି ମନୁଷ୍ୟର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ। ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟନ୍ତ୍ରଣରେ ନଥାଏ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା କରି ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମ ଦେଶ ଭାରତର ସଂସ୍କୃତି ଓ ପରମ୍ପରାର ମହାନତାର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା।

ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଠ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ, ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚରଣ କରୁଛି। କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି ।

ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମକୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱକୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି । ସେଥିପାଇ କୁହାଯାଇଛି ' ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ । ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ରର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ । ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର । ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ । ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ । ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ । ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ । ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ ।'

ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିର ଉପରେ ସମୁଦାୟ ଅଠରଥର ଆକ୍ରମଣ ହୋଇଥିଲା । ଏଥିମଧ୍ୟରୁ ପାଞ୍ଚଥର ଆକ୍ରମଣର ସବିଶେଷ ବିବରଣୀ ଗବେଷଣା ହୋଇ ଆଲୋଚନା ପରିସରକୁ ଆସିନାହିଁ । ତେରଥର ଆକ୍ରମଣ କାଳରେ ମହାପ୍ରଭୁ ଶ୍ରୀମନ୍ଦିର ରତ୍ନବେଦିରୁ ଯାଇ ଓଡ଼ିଶାର ବିଭିନ୍ନ ସ୍ଥାନକୁ ୨୧ ଥର ସ୍ଥାନାନ୍ତର ହୋଇଛନ୍ତି। ସେଥିମଧ୍ୟରୁ ଦୁଇଥର ଶ୍ରୀକ୍ଷେତ୍ର ଭିତରେ ଲୀଳା ହୋଇଥିବା ବେଳେ ଶ୍ରୀକ୍ଷେତ୍ର ବାହାରେ ଉଣେଇଶ ଥର ସ୍ଥାନାନ୍ତର ହୋଇ ଲୀଳା କରିଛନ୍ତି । ଚିଲିକାର ଗୁରୁବାଇଗଡ଼ ଓ ବାଣପୁର ତହସିଲର ନଈରୀଗ୍ରାମର ହରେଶ୍ୱର ମଣ୍ଡପକୁ ଦୁଇ ଦୁଇ ଥର ବିଜେ କରି ଲୀଳା କରିଥିଲେ। ମହାପ୍ରଭୁ ସମୁଦାୟ ଦୁଇଥର ପାତାଳୀ ଲୀଳା କରିଛନ୍ତି । ଥରେ ସୋନପୁରଠାରେ ଓ ୧୫୬୮ ମସିହାରେ କଳାପାହାଡ଼ ଆକ୍ରମଣରେ ଚିଲିକାର ହାତୀପଡ଼ାଠାରେ ମହାପ୍ରଭୁଙ୍କର ପାତାଳୀଲୀଳା ହୋଇଥିଲା। ଦୁଇଥର ମହାପ୍ରଭୁ ବ୍ରହ୍ମଲୀଳା କରିଛନ୍ତି । ଏହାଥିଲା ମହାପ୍ରଭୁଙ୍କର ଅଭିନବ ବ୍ରହ୍ମଲୀଳା । ନଷ୍ଟ ହେଇଯାଉ ଦାରୁ ବିଗ୍ରହ, କିନ୍ତୁ ବ୍ରହ୍ମ ସୁରକ୍ଷିତ ଥାଆନ୍ତୁ । ଏ ଜାତିର 'ବିଶ୍ୱାସ' ଟିକକ ହସ୍ତାନ୍ତର ହୋଇ ନଯାଉ କି ମନୋବଳ ଭାଙ୍ଗି ଚୁରମାର ହୋଇ ନଯାଉ । ସେହି ବିଶ୍ୱାସରେ ବ୍ରହ୍ମଲୀଳା ସମ୍ପନ୍ନ ହୋଇଥିଲା । ପ୍ରଥମ ବ୍ରହ୍ମଲୀଳା ବିଶର ମହାନ୍ତିଙ୍କଦ୍ୱାରା ହୋଇଥିଲା । ଦ୍ୱିତୀୟ ବାର ବ୍ରହ୍ମଲୀଳା ୧୬୨୨ ମସିହାରେ ମିର୍ଜା ଅହମ୍ମଦ ବେଗ ସମୟରେ ହୋଇଥିଲା । ଖୁବ ଗୋପନରେ ଗଜପତିଙ୍କ ପରାମର୍ଶରେ ସେବକମାନେ ଖୋର୍ଦ୍ଧାଜିଲାର ଗଡ଼ମାଣତ୍ରୀରେ ବ୍ରହ୍ମଲୀଳା କରେଇଥିଲେ । ୧୭୩୧ ମସିହାରେ ଶ୍ରୀମନ୍ଦିର ଉପରେ ତକି ଖାଁ ଦ୍ୱିତୀୟବାର ଆକ୍ରମଣ କରିଥିଲେ । ସେତିକିବେଳେ ମହାପ୍ରଭୁଙ୍କୁ ଭାର୍ଗବୀ ନଦୀର ଦୋବନ୍ଧା ପେଣ୍ଠରୁ ବଡ଼ ପରିଚ୍ଛା ପରମାନନ୍ଦ କୁଅଁର ମହାପାତ୍ର ଓ ସାନ ପରିଚ୍ଛା ବିଷ୍ଣୁ ପଶ୍ଚିମ କବାଟ ଚିଲିକା ବାଟଦେଇ ନଈରୀ ଗ୍ରାମର ମଣ୍ଡପରେ ଗୋପନରେ ବିଜେ କରାଇଥିଲେ । ଶ୍ରୀମନ୍ଦିର ଉପରେ ପ୍ରଥମେ ୬୭୦ ମସିହାରେ ଆକ୍ରମଣ ହୋଇଥିଲା । ଏହା ୧୭୩୩ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟ ମଧ୍ୟରେ ହାରାହାରି ୨୫୦ ବର୍ଷରୁ ଅଧିକ ସମୟ ମହାପ୍ରଭୁ ଶ୍ରୀକ୍ଷେତ୍ର ବାହାରେ ଲୀଳା କରିଥିଲେ । ତାଙ୍କର ଲୀଳାରେ ଶ୍ରୀକ୍ଷେତ୍ର ବାହାରେ ନଈରୀଠାରେ ଗୋଟିଏ ଥର ରଥଯାତ୍ରା ହୋଇଥିଲା ।

ଶାସ୍ତ୍ର ବେଦ ଉପନିଷେଦ କହେ ସନାତନ ହିନ୍ଦୁ ଧର୍ମ ସର୍ବଶ୍ରେଷ୍ଠ ଓ ସର୍ବପୁରାତନ ଏଥିରେ ହିଂସାର କୌଣସି ସ୍ଥାନ ନଥାଏ । ଅନାଥର ନାଥ କାଳିଆ ସାଆନ୍ତ, ଦୀନବନ୍ଧୁ, ଭାବଗ୍ରାହୀ, ଭକ୍ତବତ୍ସଳ ଜଗନ୍ନାଥଙ୍କ ବାଖ୍ୟା କରିବାକୁ କିଏ ବା ସମର୍ଥ ହେବ। ସେ ଅନନ୍ତ, ଅସୀମ, ଚିରସତ୍ୟ ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ , ସେ ନଶ୍ୱର, ନିରାକାର, ପରମବ୍ରହ୍ମ, ପୁରୁଷୋତ୍ତମ । ମହାପ୍ରଭୁ କାଳିଆ ସାଆନ୍ତ ବିଶ୍ୱର ସବୁଠାରୁ ରହସ୍ୟମୟ ଠାକୁର । ଜଗନ୍ନାଥ ମନ୍ଦିରର ଇତିହାସ ଏବଂ ତାର ରହସ୍ୟ ବୁଝିବା ଆମ ପରି ରକ୍ତ ମାଂସ ଧାରୀ ସାଧାରଣ ମନୁଷ୍ୟ ପକ୍ଷେ ଅସମ୍ଭବ। ଅନେକ ବିଦ୍ୱାନ ପଣ୍ଡିତ, ଶାସ୍ତ୍ର ବିଶାରଦ, ଜ୍ଞାନୀ ଗୁଣୀ , ଜଗନ୍ନାଥ ସଂସ୍କୃତି ଇତିହାସ ସମ୍ପୂର୍ଣ୍ଣ ଭାବେ ବୁଝିବାରେ ଜାଣିବାରେ ସମର୍ଥନ ହୋଇପାରି ନାହାନ୍ତି । ଏବେବି ଏହା ରହସ୍ୟମୟ ହୋଇରହିଛି । ଜଗନ୍ନାଥ ଉପାସନା କେବେ କେଉଁଠାରୁ ହେଲା ଓ ଜଗନ୍ନାଥଙ୍କ ନାମକରଣ କେବେ କାହିଁକି ହେଲା ସେ ବିଷୟ ଏବେବି ନିର୍ବିବାଦରେ ନିର୍ଣ୍ଣିତ ହୋଇପାରିନାହିଁ । ଜଗନ୍ନାଥଙ୍କ ସଂସ୍କୃତି ସହିତ ବହୁ ଧର୍ମ ଜଡିତ ହୋଇରହିଛି। ଯୁଗ ଯୁଗ ଧରି ଜଗନ୍ନାଥ ରହସ୍ୟମୟ ଦେବତା ହୋଇ ରହିଆସିଛନ୍ତି । ଅନାଥର ନାଥ ଜଗତର ନାଥ ଜଗନ୍ନାଥ ଏକ ଚେତନାର ଚିନ୍ତାଧାରାର ସଂସ୍କୃତିର ସଂକେତ । ଜଗନ୍ନାଥ ସଂସ୍କୃତି ପରମ୍ପରା ବସୁଦେବ କୁଟୁମ୍ବକମର ଚିନ୍ତାଧାରା ଉପରେ ପର୍ଯ୍ୟବେସିତ । ସମଗ୍ର ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧି ରଖିବା ଏହାର ମୂଳମନ୍ତ୍ର । ଜଗନ୍ନାଥ ସଂସ୍କୃତିର ମୂଳମନ୍ତ୍ର ବିଶ୍ୱପ୍ରେମ, ଶାନ୍ତି, ଅହିଂସା, ପ୍ରେମ ମୁକ୍ତି, ଆନନ୍ଦ, ସତ୍ୟ, ଦୟା, କ୍ଷମା ଓ ଅନନ୍ତ ବ୍ୟାପ୍ତିର ପ୍ରତୀକ । ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କାଳିଆ ସାଆନ୍ତ ଅସୀମ ବିଶ୍ୱବ୍ରହ୍ମାଣ୍ଡର ଜୀବନ୍ତ ଦେବତା। ସେ ପରବ୍ରହ୍ମ, ପୁରୁଷୋତ୍ତମ ସର୍ବବ୍ୟାପି, ସାର୍ବଭୌମ୍ୟ, ନିରାକାର । ତାଙ୍କର ଆରମ୍ଭ ନାହିଁ କି ଅନ୍ତ ନାହିଁ । ସେ ଅନାଦି ସେ ଅଶେଷ। ପୁଣି ତାଙ୍କର ଯେଉଁ ଦୁଇଟି ବାହୁର କଳ୍ପନା କରାଯାଇଛି ତାହା ସମାନ୍ତରାଳ । ଦୁଇ ସମାନ୍ତରାଳ ସରଳ ଲେଖାରେ ମିଳନ ଏକ ଅନନ୍ତ ବିନ୍ଦୁରେ। ଜଗନ୍ନାଥଙ୍କ ପରମ ଓ ଚରମ ସତ୍ତ୍ୱ ସେହି ଅନନ୍ତ ବିନ୍ଦୁରେ ହିଁ ଉପଲବ୍ଧି କରିହୁଏ । ସେ ଅରୂପ ପୁଣି ସ୍ୱରୂପ । ସେ ନିର୍ଗୁଣ ପୁଣି ସଗୁଣ । ବହୁ ରୂପରେ ତାଙ୍କର ପରିକଳ୍ପନା । ବିଶ୍ୱର ତେତିଶି କୋଟି ଦେବାଦେବୀଙ୍କ ମଧ୍ୟରେ ଜଗନ୍ନାଥଙ୍କର ନୀତିକାନ୍ତି ସ୍ୱତନ୍ତ୍ର ଏବଂ ସର୍ବଶ୍ରେଷ୍ଠ । ଆଉ କୌଣସି ଦେବତାଙ୍କର ଏପରି ମାନବୀୟ ଲୀଳା ଦେଖିବାକୁ ଏ ବିଶ୍ୱ ବ୍ରହ୍ମାଣ୍ଡରେ ମିଳିନଥାଏ ।

ବୈଷ୍ଣବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବିଷ୍ଣୁ ରୂପରେ ।

ବୌଦ୍ଧ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ବୁଦ୍ଧ ରୂପରେ। ଶୈବ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଭଗବାନ ଶିବ ରୂପରେ । ଗାଣପତ୍ୟ ଭକ୍ତ ମାନେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି ଗଣପତି ରୂପରେ । ତେଣୁ ମହାପ୍ରଭୁ ଜଗନ୍ନାଥ ନିର୍ଦ୍ଦିଷ୍ଟ ସୀମା ବା ରୂପରେ ଆବଦ୍ଧ ନୁହନ୍ତି । ଗୋଟିଏ ବଳୟ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ପରିସୀମା ଭିତରେ ମହାପ୍ରଭୁ କାଳିଆ ସାଆନ୍ତଙ୍କର ସ୍ଥିତି କଳ୍ପନା କରିବା ଅସମ୍ଭବ । ଜଗନ୍ନାଥ ହେଉଛନ୍ତି ବଡ଼ ଠାକୁର, ଜଗନ୍ନାଥଙ୍କର ଦେଉଳ ହେଉଛି ବଡ଼ ଦେଉଳ, ଜଗନ୍ନାଥଙ୍କ ଦାଣ୍ଡ ହେଉଛି ବଡ଼ ଦାଣ୍ଡ, ପଣ୍ଡା ହେଉଛି ବଡ଼ ପଣ୍ଡା, ତାଙ୍କର ଦୀପ ହେଉଛି ମହାଦୀପ, ତାଙ୍କର ଉଦଧି ହେଉଛି ମହା ଉଦଧି (ମହୋଦଧି ), ତାଙ୍କର ଶକ୍ତି ହେଉଛନ୍ତି ମହାଲକ୍ଷ୍ମୀ, ତାଙ୍କର ପ୍ରସାଦ ହେଉଛି ମହାପ୍ରସାଦ। ତେଣୁ ଜଗନ୍ନାଥଙ୍କ ଚେତନା ଭିତରେ ନାହିଁ ସଂକୀର୍ଣ୍ଣତା, ନାହିଁ ଅହମିକା, ନାହିଁ ଅହଂକାର, ନାହିଁ ଉଚ୍ଚନୀଚ, ବଡ଼ସାନର ଭେଦଭାବ ।

ଶ୍ରୀକ୍ଷେତ୍ର, ସୁଭଦ୍ରା, ବଳଭଦ୍ର, ସୁଦର୍ଶନଙ୍କ ନାମ ଭିତରେ ରହିଛି ସୁସୁନ୍ଦର,ଶିବ ବା ଶୁଭର ସୂଚନା । ନୀଳଚକ୍ର ଚିରନ୍ତନ ସତ୍ୟ ଓ ନ୍ୟାୟର ପ୍ରତୀକ । କାଳିଆ ସାଆନ୍ତଙ୍କ ସିଂହଦୁଆରରୁ କୌଣସି ଭକ୍ତ ଖାଲି ହାତରେ ଫେରିନି । ମହାପ୍ରଭୁ ପାଖରେ ଧନୀ, ଗରିବ ସମସ୍ତେ ସମାନ । ସମସ୍ତଙ୍କର ମନସ୍କାମନା ପୂର୍ଣ୍ଣ କରିଛନ୍ତି ଦରଦୀ ଠାକୁର, ଦୀନବନ୍ଧୁ, ଅନାଥର ନାଥ, ଜଗତର ନାଥ ବଡ଼ ଠାକୁର ଜଗନ୍ନାଥ ।

ମହାପ୍ରଭୁ କାଳିଆ ସାଆନ୍ତଙ୍କ ଦିବ୍ୟ ଲୀଳାକୁ ଆମ ପରି ସାଧାରଣ ରକ୍ତ ମାଂସ ଧାରୀ ମନୁଷ୍ୟ ବୁଝିବା ଅସମ୍ଭବ। ବିଶ୍ୱ ବ୍ରହ୍ମାଣ୍ଡର ସର୍ବଶ୍ରେଷ୍ଠ ଯାତ୍ରା ଘୋଷଯାତ୍ରାର ଯେଉଁ ଈଶ୍ୱରୀୟ ବାର୍ତ୍ତା ରହିଛି ତାହା ଆମ ମାନବ ସମାଜ ପାଇଁ ଅତୀବ ଉପାଦେୟ। ମହାପ୍ରଭୁ କାଳିଆ ସାଆନ୍ତଙ୍କ ପାଖରେ ଧନୀ, ଗରିବ, ଉଚ୍ଚ, ନୀଚର ଭେଦଭାବ ନଥାଏ । ଏ ବିଶ୍ୱବ୍ରହ୍ମାଣ୍ଡର ମାଲିକ ଜଗନ୍ନାଥ। ସମସ୍ତଙ୍କ ଦୁଃଖ ବୁଝନ୍ତି ସେ।

ଏ ବିଶ୍ୱବ୍ରହ୍ମାଣ୍ଡରେ କେହିବି ଅନାଥ, ନିରାଶୟ ନ ହୁଅନ୍ତୁ ଏହି ଆଶ୍ୱାସନା ମିଳେ ଜଗନ୍ନାଥଙ୍କ ନାମ ଭିତରେ । ଜାତିବର୍ଣ୍ଣ, ଧର୍ମ ନିର୍ବିଶେଷରେ ମହାପ୍ରଭୁ ଚକାଡୋଳା ଅନନ୍ତକୋଟି ବ୍ରହ୍ମାଣ୍ଡ ନାୟକ ଜଗତର ନାଥ ଜଗନ୍ନାଥ ଦର୍ଶନ ଦିଅନ୍ତି ରଥଯାତ୍ରାରେ । ସେହ୍ନ, ପ୍ରେମ, ଭାତୃତ୍ୱ, ବଳିଦାନ, ଭଲପାଇବା, ମାନବିକତା, ତ୍ୟାଗର ବାର୍ତ୍ତା ମିଳେ ରଥଯାତ୍ରାରେ । ଯେଉଁଠି ସ୍ୱାର୍ଥପର ଅହଂକାରୀ ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ପାଇଁ ନିଜର ଜନ୍ମଦାତା ପିତା, ଜନ୍ମଦାତ୍ରୀ ମାତା, ବନ୍ଧୁ, ପରିଜନଙ୍କୁ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ, ସେଠି ମହାପ୍ରଭୁ ଜଗନ୍ନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନକୁ ଶୃଙ୍ଖଳିତ କରିପାରିଲେ ମାନବ ସମାଜ ପାଇଁ ଏହା ଏକ ବରଦାନ ସାବ୍ୟସ୍ତ ହେବ।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy**
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୦ ଜୁଲାଇ ୨୦୨୪ ବୁଧବାର



# ଗୋଟିଏ ଯାତ୍ରା, ଅନେକ ନାମ

## ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନରେ ବହୁ ପୂଣ୍ୟ ମିଳେ

ସ୍ନାନ ଗୁଣ୍ଡିଚାଏ ବେନି ସ୍ୱୟଂ ଲୀଳା ଯାର, ପତିତପାବନ ଅର୍ଥେ ପ୍ରାସାଦୁ ବାହାର.... ପତିତ ଜନଙ୍କୁ ଉଦ୍ଧାର କରିବା ପାଇଁ ରତ୍ନ ସିଂହାସନ ଛାଡ଼ି ରଥକୁ ଆସିବେ ମହାବାହୁ । ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଛନ୍ତି ଶ୍ରୀଜିଉ । ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ଚତୁର୍ଦ୍ଧାମୂର୍ତ୍ତି ତାଙ୍କର ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥ ଦ୍ୱାରା ଯାତ୍ରା କରିଥାନ୍ତି। ଯାହାକୁ ରଥଯାତ୍ରା କୁହାଯାଏ । ଶ୍ରୀକ୍ଷେତ୍ର ପୁରୀରେ ପାଳନ ହେଉଥିବା ରଥଯାତ୍ରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ ସମ୍ବନ୍ଧିତ ଏକ ମୂଖ୍ୟ ପର୍ବ । ପୁରୀର ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ଯାତ୍ରା।

ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ପାଳିତ ଏହି ଯାତ୍ରାକୁ ଘୋଷଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଉତ୍ତରାଭିମୁଖୀ ଯାତ୍ରା, ନବଦିନାତ୍ମିକା ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ମଣ୍ଡପ ଯାତ୍ରା ଭଳି ବିଭିନ୍ନ ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଉଲ୍ଲେଖ ରହିଛି ।

**ଗୋଟିଏ ଯାତ୍ରା, ଅନେକ ନାମ:-**

**ଘୋଷଯାତ୍ରା:** ମହାପ୍ରଭୁ ବିଶ୍ୱର ମଙ୍ଗଳ ପାଇଁ ନ?ନ୍ଦିଘୋଷ ରଥରେ ବସି ଯାତ୍ରା କରୁଥିବାରୁ ଏହି ଯାତ୍ରାକୁ ଘୋଷଯାତ୍ରା କୁହାଯାଏ ।

**ଆଡ଼ପ ମଣ୍ଡପ ଯାତ୍ରା:** ମହାପ୍ରଭୁ ଗୁଣ୍ଡିଚା ମନ୍ଦିରରେ ଥିବା ନିଜ ଜନ୍ମବେଦୀ ଆଡ଼ପ ମଣ୍ଡପକୁ ଯାତ୍ରା କରୁଥିବାରୁ ଏହାକୁ ଆଡ଼ପ ମଣ୍ଡପ ଯାତ୍ରା କୁହାଯାଏ ।

**ଜନ୍ମବେଦୀ ଯାତ୍ରା:** ମହାପ୍ରଭୁଙ୍କର ଜନ୍ମବେଦୀ ହେଉଛି ଆଡ଼ପ ମଣ୍ଡପ । ତେଣୁ ଏହି ଯାତ୍ରାକୁ ମହାପ୍ରଭୁଙ୍କ ଜନ୍ମ?ବେଦୀ ଯାତ୍ରା କୁହାଯାଏ ।

**ଦଶାବତାର ଯାତ୍ରା:** ଗୁଣ୍ଡିଚା ଘରେ ମହାପ୍ରଭୁ ଜଗନ୍ନାଥ ଦଶ ଅବତାର ବେଶ ହୋଇଥାଆନ୍ତି । ତେଣୁ ଏହାକୁ ଦଶାବତାର ଯାତ୍ରା ମଧ୍ୟ କୁହାଯାଏ ।

**ପତିତପାବନ ଯାତ୍ରା:** ପତିତ ମାନଙ୍କୁ ଉଦ୍ଧାର କରିବାକୁ ମହାବାହୁଙ୍କର ଏହି ଯାତ୍ରା ବୋଲି କୁହାଯାଏ । ତେଣୁ ଏହାକୁ ପତିତପାବନ ଯାତ୍ରା କୁହାଯାଏ।

**ନବଦିନାତ୍ମକ ଯାତ୍ରା:** ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାପ୍ରଭୁଙ୍କ ଯିବା, ସେଠାରୁ ଶ୍ରୀମନ୍ଦିର ବାହୁଡ଼ିବା ଓ ସେଠାରେ ରହଣୀକୁ ମିଶାଇ ୯ ଦିନ ହୋଇଥାଏ। ତେଣୁ ଏହାକୁ ନବଦିନାତ୍ମକ ଯାତ୍ରା ବୋଲି କୁହାଯାଏ ।



**ଶ୍ରୀଗୁଣ୍ଡିଚା ଯାତ୍ରା:** ରାଣୀ ଗୁଣ୍ଡିଚାଙ୍କ ଘରକୁ ଯାତ୍ରା କରୁଥିବାରୁ ଏହାକୁ ଶ୍ରୀଗୁଣ୍ଡିଚା ଯାତ୍ରା ବୋଲି ମଧ୍ୟ କୁହାଯାଏ।

ଶ୍ରୀକ୍ଷେତ୍ର ଧାମରେ ପାଳିତ ହେଉଥିବା ଶ୍ରୀଗୁଣ୍ଡିଚା ଯାତ୍ରାର ମହିମା ତଥା ପାଳନ ବିଧିର ବିସ୍ତୃତ ବର୍ଣ୍ଣନା ବିଭିନ୍ନ ପୁରାଣରେ ଉଲ୍ଲେଖ ହୋଇଛି । ବିଶେଷ ଭାବେ ବ୍ରହ୍ମ ପୁରାଣ, ନାରଦ ପୁରାଣ, ନୀଳାଦ୍ରି ମହୋଦୟ, କପିଳ ସଂହିତା, ଜଗନ୍ନାଥ ପୁରାଣ, ଯାତ୍ରା ଭାଗବତ, ପଦ୍ମ ପୁରାଣ, ଚୈତନ୍ୟ ଚରିତାମୃତ, ବାମଦେବ ସଂହିତା, ଶାରଦା ପୁରାଣ ପ୍ରଭୃତି ଉଲ୍ଲେଖଯୋଗ୍ୟ। ମହାପ୍ରଭୁଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଧ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟରେ କୁହାଯାଇଛି । ଏପରିକି ଏହି ମହାବେଦୀ ମହୋତ୍ସବକୁ ନିର୍ମଳ ମନରେ ଯେଉଁ ଭକ୍ତ ଦର୍ଶନ କରେ, ତାର ଶତକୋଟି ଜନ୍ମର ପାପରାଶି କ୍ଷଣକେ ନଷ୍ଟ ହୁଏ ବୋଲି ରହିଛି ବିଶ୍ୱାସ । ଶ୍ରୀଜଗନ୍ନାଥଙ୍କର ଉତ୍ସବମୁଖର ଏହି ଗୁଣ୍ଡିଚା ଯାତ୍ରା କେବଳ ଓଡ଼ିଶା କାହିଁକି ? ସାରା ବିଶ୍ୱର ଏକ ଶ୍ରେଷ୍ଠ ଯାତ୍ରା । ଏହି ମହୋତ୍ସବରେ ସାମିଲ ହେଲେ, ଚତୁର୍ଦ୍ଧାବିଗ୍ରହଙ୍କୁ ଆଡ଼ପ ମଣ୍ଡପ ବା ସ୍ନାନବେଦୀରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ପୁରାଣମାନଙ୍କରେ କୁହାଯାଇଛି- ଶ୍ରୀମନ୍ଦିରରେ ଦଶବର୍ଷ ଦର୍ଶନ କଲେ ଯାହା ଫଳ ମିଳେ, ଗୁଣ୍ଡିଚା ମନ୍ଦିରରେ ଏକ ଦିନ ଦର୍ଶନରେ ସେତିକି ଫଳ ଲାଭ ହୁଏ । ଶ୍ରୀଗୁଣ୍ଡିଚା ଯାତ୍ରାରେ ମହାପ୍ରଭୁଙ୍କର ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଶେଷ, ବଲ୍ଲଭ ଓ ସକାଳ ଧୂପ, ରଥ ପ୍ରତିଷ୍ଠା ମଙ୍ଗଳାର୍ପଣ, ପହଣ୍ଡି ଆରମ୍ଭ, ପହଣ୍ଡି ଶେଷ, ମଦନମୋହନ, ରାମ, କୃଷ୍ଣ ବିଜେ, ଚିତା ଲାଗି, ଛେରା ପହଁରା, ଚାରମାଳ ଫିଟା ଓ ଘୋଡ଼ା ସାରଥୀ ଲାଗିବା ଓ ରଥଟଣା ଭଳି ଅନେକ ନୀତି ସମ୍ପନ୍ନ ହୋଇଥାଏ । ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି ଜଗନ୍ନାଥ ସଂସ୍କୃତି ଗବେଷକ ନରେଶ ଚନ୍ଦ୍ର ଦାଶ ।

## ସୁନ୍ଦର ଦେଖାଯିବା ପାଇଁ ନିୟମିତ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ ଜରୁରୀ





ବିବାହ ଦିନ ସୁନ୍ଦର ଦେଖାଯିବା ପାଇଁ ହେଲେ ତ୍ୱଚାଠାରୁ ଆରମ୍ଭକରି କେଶ ପର୍ଯ୍ୟନ୍ତ ସବୁକିଛିର ବହୁ ପୂର୍ବରୁ ଯତ୍ନନେବାକୁ ହେବ। ଏଥିପାଇଁ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବେ ଜାଣିରଖନ୍ତୁ। ଫିଟ୍‌ନେସ୍‌କୁ ଠିକ୍ ରଖିବା ପାଇଁ ପ୍ରତିଦିନ ହାଲ୍‌କା ବ୍ୟାୟାମ କରନ୍ତୁ। ଏହା ସହ ଅଧିକ ଫଳ ଓ ସାଲାଡ, ଗଜା ହୋଇଥିବା ବିଭିନ୍ନ ଶସ୍ୟ, ଦହି, ପନିର ଆଦି ଅଧିକ ଖାଆନ୍ତୁ। ମାନସିକ ଚାପ କମ୍ କରିବା ପାଇଁ ମଧ୍ୟ ଯୋଗ କିମ୍ବା ମେଡିଟେଶନ କରନ୍ତୁ। ନିୟମିତଭାବେ ତ୍ୱଚାର କ୍ଲିଂଜିଂ, ଟୋନିଂ ଏବଂ ମଶ୍ଚରାଇଜିଂ କରନ୍ତୁ। ବିବାହର କିଛିଦିନ ପୂର୍ବରୁ ହଳଦୀ ଲଗାଇବା ବନ୍ଦ କରିଦିଅନ୍ତୁ। କାରଣ ତ୍ୱଚାରୁ ହଳଦୀ ରଙ୍ଗ ସହଜରେ ଛାଡ଼ି ନ ଥାଏ। ଫଳରେ ମେକ୍‌ଅପ୍ ସମୟରେ ଅସୁବିଧା ହୁଏ। ସପ୍ତାହକୁ ଅତିକମ୍‌ରେ ୩ଥର ରାତିରେ ଶୋଇବା ପୂର୍ବରୁ ଲେମ୍ବୁରସ ଓ କଞ୍ଚାକ୍ଷୀର ଲଗାନ୍ତୁ। ଏହା ପ୍ରାକୃତିକ କ୍ଲିଜର ଓ ଆଷ୍ଟ୍ରିଜେଣ୍ଟ ଭଳି କାମ ଦିଏ ଓ ସ୍କିନ୍‌ର ଚମକ ବଢ଼ାଏ। ଆଳୁକୁ ପତଳା କରି କାଟି ମୁହଁରେ ଘଷନ୍ତୁ, ତାହା ସ୍କ୍ରବ୍ ଭଳି କାମ ଦେବ। ସପ୍ତାହକୁ ଅତିକମ୍‌ରେ ଥରେ ସ୍କ୍ରବ୍ କରନ୍ତୁ। ଠିକ୍ ସମୟରେ ଏବଂ ଅତିକମ୍‌ରେ ୮ ଘଣ୍ଟା ଶୁଅନ୍ତୁ। ଫଳରେ ଆଖି ତଳେ ଡାର୍କ ସର୍କଲ ହେବ ନାହିଁ। ମେକ୍‌ଅପ୍ ସାମଗ୍ରୀ ସବୁ ଆଗରୁ କିଣି ବ୍ୟବହାର କରନ୍ତୁ। ତ୍ୱଚାକୁ ତାହା ସୁଟ୍ କରୁଛି କି ନା ଜଣାପଡ଼ିଯିବ। ବାହାରକୁ ଯାଉଥିଲେ ସନ୍‌ସ୍କ୍ରିନ୍ ଲୋସନ ନିଶ୍ଚିତ ଲଗାନ୍ତୁ। ମେନିକିଓର ଓ ପେଡିକିଓର ମଧ୍ୟ କରନ୍ତୁ। କେଶ ଯଦି ଡ୍ରାଏ ହୋଇଥାଏ ତେବେ ପ୍ରତି ୩ଦିନରେ ଥରେ ତେଲ ଗରମ କରି ଲଗାନ୍ତୁ। ମାସକୁ ଥରେ କିମ୍ବା ୨ ଥର ହେୟାର ସ୍ପା ମଧ୍ୟ କରନ୍ତୁ। ଫେସିଆଲ କରିବାର ୨ଦିନ ପରେ ସ୍କିନ୍‌ରେ ଗ୍ଲୋ ଆସିଥାଏ। ତେଣୁ ବିବାହର ୨ଦିନ ଆଗରୁ ହିଁ ଫେସିଆଲ କରନ୍ତୁ। ସ୍କିନ୍ ଅନୁସାରେ ଫ୍ରୁଟ୍, ଅରୋମା, ପର୍ଲ, ଗୋଲ୍ଡ କିମ୍ବା ଡାଏମଣ୍ଡ ଆଦି ଯେକୌଣସି ପ୍ରକାର ଫେସିଆଲ କରନ୍ତୁ। ବିବାହର ସପ୍ତାହେ ପୂର୍ବରୁ କୌଣସି ପ୍ରକାର ନୂଆ ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।

## ଭାରତର ୫୦ ପ୍ରତିଶତ ଜନସଂଖ୍ୟା ଅଳସୁଆ




ଶାରୀରିକ କାର୍ଯ୍ୟକଳାପ ଦୃଷ୍ଟିରୁ ଭାରତର ଜନସଂଖ୍ୟା ବିଶ୍ୱରେ ଦ୍ୱାଦଶ ସ୍ଥାନରେ ରହିଛି। ଦି ଲାନସେଟ୍ ଗ୍ଲୋବାଲ୍ ହେଲ୍‌ଥ ଜର୍ଣ୍ଣାଲ୍ ଅନୁଯାୟୀ ଭାରତର ୫୭ ପ୍ରତିଶତ ମହିଳା ଶାରୀରିକ ଦୃଷ୍ଟିରୁ ଅଳସୁଆ। ୪୨ ପ୍ରତିଶତ ଭାରତୀୟ ପୁରୁଷ ଅଳସୁଆ ହୋଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ସମେତ ଏକ ଅନ୍ତର୍ଜାତୀୟ ଗବେଷକ ଦଳ କହିଛନ୍ତି ଯେ ବୟସ୍କମାନେ ପର୍ଯ୍ୟାପ୍ତ ପରିମାଣରେ ଶାରୀରିକ ଭାବେ ସକ୍ରିୟ ଥିବା ଦୃଷ୍ଟିରୁ ଦକ୍ଷିଣ ଏସିଆ ମହାଦେଶର ଦ୍ୱିତୀୟ ସ୍ଥାନରେ ରହିଛି। ପତ୍ରିକାର ଲେଖକମାନେ ଜାଣିବାକୁ ପାଇଛନ୍ତି ବିଶ୍ୱସ୍ତରରେ ପ୍ରାୟ ଏକ ତୃତୀୟାଂଶ ବୟସ୍କ (୩୧.୩ ପ୍ରତିଶତ) ପର୍ଯ୍ୟାପ୍ତ ଭାବରେ ଶାରୀରିକ ଭାବରେ ସକ୍ରିୟ। ୨୦୧୦ରେ ବିଶ୍ୱର ୨୬.୪ ପ୍ରତିଶତ ବୟସ୍କ ଅଳସୁଆ ଥିଲେ। ଭାରତରେ, ୨୨ ପ୍ରତିଶତରୁ ଅଧିକ ବୟସ୍କ ୨୦୦୦ରେ ପର୍ଯ୍ୟାପ୍ତ ଶାରୀରିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିବାବେଳେ ୨୦୧୦ ରେ, ପ୍ରାୟ ୩୪ ପ୍ରତିଶତ ବୟସ୍କ ବ୍ୟକ୍ତି ଶାରୀରିକ ଭାବରେ ସକ୍ରିୟ ଥିଲେ। ଆକଳନ କରାଯାଇଛି ଯଦି ସାମ୍ପ୍ରତିକ ଧାରା ଜାରି ରହେତେବେ ୨୦୩୦ ବେଳକୁ ୬୦ ପ୍ରତିଶତ ବୟସ୍କ ଅଳସୁଆ ହୋଇଯିବେ। ବିଶ୍ୱର ୧୯୭ ଟି ଦେଶରେ କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।ଶାରୀରିକ ନିଷ୍କ୍ରିୟତା ବା ଅଳସୁଆ ପଣ ଅନେକ ରୋଗକୁ ପ୍ରୋତ୍ସାହିତ କରିଥାଏ। ବାସ୍ତବରେ, ଶାରୀରିକ ନିଷ୍କ୍ରିୟତା ମଧୁମେହ ଏବଂ ହୃଦରୋଗ ତଥା ଅଣ ସଂକ୍ରାମକ ରୋଗର ଆଶଙ୍କା ବଢ଼ାଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଶାରୀରିକ କାର୍ଯ୍ୟକଳାପରସ୍ତର ବୃଦ୍ଧି ଏବଂ ଅଧିକରୁ ଅଧିକ ଅଳସୁଆ ଜୀବନଶୈଳୀ ଏହି ରୋଗର ବୃଦ୍ଧିରେ ସହାୟକ ହେଉଛି ଏବଂ ସାରା ବିଶ୍ୱରେ ସ୍ୱାସ୍ଥ୍ୟସେବା ଉପରେ ଏକ ବୋଝ ପକାଉଛି। ଦି ଲାନସେଟ୍ ଡାଇବେଟିସ୍ ଏବଂ ଏଣ୍ଡୋକ୍ରିନୋଲୋଜି ପତ୍ରିକାରେ ପ୍ରକାଶିତ ୨୦୨୩ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ-ଇଣ୍ଡିଆ ଡାଇବେଟିସ୍ ଅଧ୍ୟୟନ ଅନୁଯାୟୀ ୨୦୨୧ ମସିହାରେ ଭାରତରେ ୧୦୧ ନିୟୁତ ଲୋକଙ୍କର ମଧୁମେହ ହୋଇଥିଲା ଏବଂ ପ୍ରାୟ ୩୧୫ ନିୟୁତ ଲୋକଙ୍କର ଉଚ୍ଚ ରକ୍ତଚାପ ରହିଥିଲା।

### ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ଅକାମୀ ସମସ୍ୟାରେ ବୃଦ୍ଧି

## ଆନ୍ଧ୍ରପ୍ରଦେଶ-ତେଲେଙ୍ଗାନାରେ ସର୍ବାଧିକ

ଦେଶର ପ୍ରାୟ ପାଞ୍ଚ ପ୍ରତିଶତ ଶିଶୁ ଏବଂ କିଶୋରଙ୍କର କିଡ୍‌ନୀ ବିଫଳତା କିମ୍ବା କିଡ୍‌ନୀ ସମସ୍ୟା ରହିଛି। ଦେଶବ୍ୟାପୀ ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ କିଡ୍‌ନୀ ନଷ୍ଟ ଯୋଗୁ ସମୟ ଗଡିବା ସହିତ ସମସ୍ୟା ଅଧିକ ଜଟିଳ ଏବଂ ଆରୋଗ୍ୟ ହୋଇ ନ ଥାଏ। ପରେ ଏହା ଧୀରେ ଧୀରେ କ୍ରନିକ୍ କିଡ୍‌ନୀ ରୋଗ (ସିକେଡି)ରେ ପରିଣତ ହୋଇଥାଏ। ଅଲ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, ଭଠିଣ୍ଡା ଏବଂ ବିଜୟପୁର ଏବଂ ଗ୍ଲୋବାଲ ହେଲଥ ଇଣ୍ଡିଆର ଜର୍ଜ ଇନଷ୍ଟିଚ୍ୟୁଟର ଅନୁସନ୍ଧାନକାରୀମାନେ ମିଳିତ ଭାବେ ଏହି ଅଧ୍ୟୟନ କରିଛନ୍ତି।



ଏହାର ଫଳାଫଳ ସ୍ପ୍ରିଙ୍ଗର୍ ଲିଙ୍କ୍ ପତ୍ରିକାରେ ପ୍ରକାଶିତ ହୋଇଛି। ଏହାର ମୁଖ୍ୟ କାରଣ କ'ଣ ଏବଂ କେତେ ପିଲା ଏଥିରେ ପୀଡିତ, ସଠିକ୍ ଆକଳନ ଉପଲବ୍ଧ ନାହିଁ। ଏହି ଅଧ୍ୟୟନ ୨୦୧୬ ରୁ ୨୦୧୮ ମଧ୍ୟରେ ପାଞ୍ଚରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଏବଂ କିଶୋରଙ୍କ ଜାତୀୟ ପୋଷଣ ସର୍ବେକ୍ଷଣ ଉପରେ ଆଧାରିତ। ସର୍ବେକ୍ଷଣ ଅନୁଯାୟୀ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ପଶ୍ଚିମବଙ୍ଗରେ ସର୍ବାଧିକ ମାମଲା ହୋଇଥିବାବେଳେ ତାମିଲନାଡୁ, ଛତିଶଗଡ, ରାଜସ୍ଥାନ ଏବଂ କେରଳରେ ଏହାର ସଂଖ୍ୟା କମ୍ ରହିଛି। ଗବେଷକଙ୍କ ଅନୁଯାୟୀ, ୧୦ ଲକ୍ଷ ଜନସଂଖ୍ୟା ମଧ୍ୟରୁ ପ୍ରାୟ ୪୯ ହଜାର ଶିଶୁ ଏବଂ କିଶୋର (୪.୯ ପ୍ରତିଶତ) କିଡ୍‌ନୀ ରୋଗରେ ପୀଡିତ ଅଛନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଅଧାରୁ ଅଧିକ ଲୋକ ଏବଂ ସେମାନଙ୍କ ପିତାମାତାଙ୍କର ଏହି ବିଷୟରେ କୌଣସି ଧାରଣା ନାହିଁ। ଏହି ସମସ୍ୟା ପ୍ରାୟତଃ ଏପରି କ୍ଷେତ୍ରରେ ବିଦ୍ୟମାନ ଅଛି ଯେଉଁଠାରେ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ପାଇବା ପ୍ରାୟ ସୀମିତ । ଯେଉଁମାନେ ଏହି ସମସ୍ୟା ବିଷୟରେ ଅବଗତ ଅଛନ୍ତି, ସେମାନଙ୍କର ଚିକିତ୍ସା ପ୍ରାୟତଃ ଡାକ୍ତରଙ୍କ ଉପରେ ନିର୍ଭର କରେ । ଜାତୀୟ ପୋଷଣ ସର୍ବେକ୍ଷଣ ଅନୁଯାୟୀ ଏହି ସମସ୍ୟା ମୁଖ୍ୟତଃ ଗ୍ରାମାଞ୍ଚଳରେ ଦେଖିବାକୁ ମିଳିଥାଏ। ଏହାର ମୁଖ୍ୟ କାରଣ ହେଉଛି ପିତାମାତା, ବିଶେଷକରି ମାତାମାନଙ୍କ ମଧ୍ୟରେ ଶିକ୍ଷାର ଅଭାବ, ଶିଶୁ ଏବଂ କିଶୋରମାନଙ୍କ ଶାରୀରିକ ବିକାଶର ଅଭାବ ଏବଂ ବାମନପଣ। ଏହି କାରଣଗୁଡିକ ସହିତ ମୁକାବିଲା କରି ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି କରାଯାଇ ପାରିବ। ଏହା ବ୍ୟତୀତ ଗ୍ରାମସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଉନ୍ନତି ନ କରି ଲକ୍ଷ୍ୟ ହାସଲ କରିବା ଅତ୍ୟନ୍ତ କଷ୍ଟକର। ପିଲାମାନଙ୍କଠାରେ କ୍ରନିକ୍ କିଡ୍‌ନୀ ରୋଗକୁ ରୋକିବା ପାଇଁ ଅନୁସନ୍ଧାନକାରୀମାନେ ମଧ୍ୟ ପରାମର୍ଶ ଦେଇଛନ୍ତି। ସେଥିପାଇଁ ନିୟମିତ ଯାଞ୍ଚ ଏବଂ ପରିସ୍ରା ପରୀକ୍ଷା କରିବା ଆବଶ୍ୟକ । ସୋଡିୟମ୍, ଫସଫରସ୍ ଏବଂ ପୋଟାସିୟମର କମ୍ ଥିବା ଏକ ସୁସ୍ଥ ଏବଂ ସନ୍ତୁଳିତ ଖାଦ୍ୟ କିଡ୍‌ନୀ କାର୍ଯ୍ୟକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ଏହା ସହିତ ପିଲାମାନଙ୍କୁ ଫଳ, ପନିପରିବା, ଶସ୍ୟ ଏବଂ ପ୍ରୋଟିନ୍ ଖାଇବାକୁ ଉତ୍ସାହିତ କରିବା ଏବଂ ପିଲାମାନଙ୍କୁ ପ୍ରକ୍ରିୟାକୃତ ଖାଦ୍ୟ ଏବଂ ସ୍ନାକ୍ସରୁ ଦୂରରେ ରଖିବା ଜରୁରୀ। ଚିନି ଏବଂ ଲୁଣ ଅଧିକ ଥିବା ଖାଦ୍ୟରୁ ମଧ୍ୟ ଦୂରେଇ ରହିବା ଜରୁରୀ ଅଟେ।

## ମଧୁମେହ ଓ ଉଚ୍ଚ ରକ୍ତଚାପ କବଳରେ ଯୁବଗୋଷ୍ଠୀ


ମଧୁମେହ, ଉଚ୍ଚ ରକ୍ତଚାପ ରାକ୍ଷସ କବଳରେ ଭାରତର ଯୁବଗୋଷ୍ଠୀ । ଅନିୟମିତ ଖାଦ୍ୟ, ଶାରୀରିକ ବ୍ୟାୟାମ ଅଭାବରୁ ୨୦୩୦ ସୁଦ୍ଧା ଦେଶର ୩୦ କୋଟି ଯୁବକ ଯୁବତୀଙ୍କ ଜୀବନ ଦୁର୍ବିସହ ହୋଇପାରେ । ଏଭଳି ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ କରିଛି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ । ଓଡ଼ିଶାର ଜନସଂଖ୍ୟାର ୩୦ ପ୍ରତିଶତ ବି ଏହି ରୋଗର ଶିକାର ହୋଇଛନ୍ତି । ବିଶେଷଜ୍ଞଙ୍କ ମତରେ ଯୋଗ, ବ୍ୟାୟାମ ଓ ରାତିରେ ଅଳ୍ପାହାର କଲେ ବଞ୍ଚିଯିବ ଜୀବନ । ଜୀବନ ନେଉଛି ମଧୁମେହ, ଉଚ୍ଚ ରକ୍ତଚାପ । ଧୀରେ ଧୀରେ ବିଶ୍ୱର ଡାଇବେଟିକ୍ ରାଜଧାନୀ ପାଲଟିବାକୁ ଯାଉଛି କି ଭାରତ ? ଶାରୀରିକ ବ୍ୟାୟାମ, ଯୋଗ, ନିୟମିତ ଖାଦ୍ୟପେୟ ଓ ଜୀବନଚର୍ଯ୍ୟା ଅଭାବରୁ ଦେଶର ୧୫ରୁ ୨୯ ବର୍ଷ ବୟସର ଯୁବବର୍ଗ ଏପରି ସାଂଘାତିକ ରୋଗରେ ପୀଡ଼ିତ। ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପତ୍ରିକା ଲାନ୍ସେଟ୍ ଏପରି ଉଦବେଗଜନକ ରିପୋର୍ଟ ପ୍ରକାଶ କରିଛି । ରିପୋର୍ଟ ଅନୁଯାୟୀ ୨୦୦୦ ମସିହାରୁ ୨୦୧୦ ଭିତରେ ମଧୁମେହ ରୋଗୀଙ୍କ ସଂଖ୍ୟା ୩୪ ପ୍ରତିଶତ ବଢିଛି । ଏପରି ସଂଖ୍ୟା ବୃଦ୍ଧି ପାଇଲେ ୨୦୩୦ ସୁଦ୍ଧା ମୋଟ ଜନସଂଖ୍ୟାର ୫୦ କୋଟି ଯୁବକ ଯୁବତୀଙ୍କ ଭିତରୁ ୩୦ କୋଟି ଯୁବବର୍ଗଙ୍କ ଜୀବନ ଦୁର୍ବିସହ ହୋଇପଡ଼ିବ । ଗତବର୍ଷ ଆଇସିଏମଆର ଓ ଲାନସ୍ୱେଟ୍ ମିଳିତ ସର୍ଭେ ଅନୁଯାୟୀ ୧୮ ବର୍ଷରୁ ଅଧିକ ବୟସର ୧୦ କୋଟି ୧୦ ଲକ୍ଷ ଯୁବକ ସାଂଘାତିକ ମଧୁମେହ ରୋଗରେ ପୀଡ଼ିତ । ସେହପରି ୩୧ କୋଟି ୫୦ ଲକ୍ଷ ଯୁବକ ହାଇପରଟେନ୍ସନରେ ଆକ୍ରାନ୍ତ । ସପ୍ତାହକୁ ୧୫୦ ମିନିଟ ହିସାବରେ ଦିନକୁ ୧୫ରୁ ୨୦ ମିନିଟ ଶାରୀରିକ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ । କିନ୍ତୁ ଏତିକି ବି କରିବାକୁ ଆଜିର ଯୁବଗୋଷ୍ଠୀ ଆଗ୍ରହ ଦେଖାଉନାହାନ୍ତି ।

## ଭାରତର ସ୍ଥିତି ସଙ୍କଟ ଜନକ : ନିଶାର ମାୟାଜାଲରେ ୨୯.୨୦ କୋଟି ଲୋକ

ସାରା ବିଶ୍ୱରେ ନିଶା ସେବନକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନିଶାର ମାୟାଜାଲରେ ସେମାନେ ଛଟପଟ ହେଉଛନ୍ତି। ତେବେ ନିଶା ସେବନରୁ ମୁକ୍ତି ପାଇବା ପାଇଁ ଚିକିତ୍ସା ସେବା ସୀମିତ ରହିଛି। ପ୍ରକାଶିତ ପରିସଂଖ୍ୟାନ ଅନୁସାରେ ସମଗ୍ର ବିଶ୍ୱରେ ୧୧ ଜଣ ନିଶା ସେବନକାରୀଙ୍କ ମଧ୍ୟରୁ କେବଳ ଜଣେ ଠିକ୍ ସମୟରେ ଚିକିତ୍ସା କରି ପାରୁଛନ୍ତି। ଭାରତରେ ମଧ୍ୟ ଅବସ୍ଥା ଗୁରୁତର ରହିଛି। ଦେଶରେ ୨୦୧୭ ମସିହାରେ, କେବଳ ୧୫,୧୦୧ ନିଶା ସେବନକାରୀ ଚିକିତ୍ସିତ ହୋଇଥିବାବେଳେ ନିଶା ସେବନକାରୀଙ୍କ ସଂଖ୍ୟା ଲକ୍ଷ ଲକ୍ଷରେ ରହିଛି। ଏହା ବ୍ୟତୀତ ଡ୍ରଗ୍ସ କାରବାରରେ ଜଡିତ ପ୍ରାୟ ଚାରି ଲକ୍ଷ ଲୋକ ଜେଲରେ ଅଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ମାମଲା କୋର୍ଟରେ ବିଚାରାଧୀନ ଅଛି। ବିଶ୍ୱରେ ଡ୍ରଗ୍ସର ବ୍ୟବହାରରେ ଚିନ୍ତାଜନକ ଭାବେ ବୃଦ୍ଧି ସହିତ ଶକ୍ତିଶାଳୀ ନୂତନ ସିନ୍ଥେଟିକ୍ ଓପିଓଇଡ୍‌ର ଆବିର୍ଭାବ ହୋଇଛି ବୋଲି ରିପୋର୍ଟରେ କୁହାଯାଇଛି। ସିନ୍ଥେଟିକ୍ ଓପିଓଇଡ୍ ହେଉଛି ଏକ ପଦାର୍ଥ ଯାହା ଲାବୋରେଟୋରୀରେ ସିନ୍ଥାଇଜ୍ ହୋଇ ନାର୍କୋଟିକ୍ସରେ ମିଶ୍ରିତ କରାଯାଇ ପ୍ରସ୍ତୁତ କରାଯାଇଥାଏ। ଏହା ମଣିଷର ମସ୍ତିଷ୍କରେ ପ୍ରାକୃତିକ ଓପିଓଇଡ୍ ଯଥା ମାର୍ଫିନ୍ ଏବଂ କୋଡିନ୍ ପରି ସମାନ ଭାବେ କାର୍ଯ୍ୟ କରିଥାଏ। ଏହାର ସେବନ ଦ୍ୱାରା ଆନାଲେଜିକ୍ (ଯନ୍ତ୍ରଣାରୁ ମୁକ୍ତି) ପ୍ରଭାବ ସୃଷ୍ଟି ହୋଇଥାଏ। ୱାର୍ଲ୍ଡ ଡ୍ରଗ୍ ରିପୋର୍ଟ ୨୦୨୪ରେ ପ୍ରକାଶିତ ହୋଇଛି ଯେ ୨୦୨୨ ମସିହାରେ ଡ୍ରଗ୍ସ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୨୯.୨୦ କୋଟିରେ ପହଞ୍ଚିବ। ଯାହା ପୂର୍ବ ଦଶନ୍ଧି ତୁଳନାରେ ୨୦ ପ୍ରତିଶତ ବୃଦ୍ଧି ପାଇବ। ବିଶ୍ୱରେ ୨୨.୮୦ କୋଟି ଲୋକ ଗଞ୍ଜେଇରୁ ପ୍ରସ୍ତୁତ ନିଶା ସେବନ କରୁଛନ୍ତି। ଏହା ପରେ ୬ କୋଟିରୁ ଅଧିକ ଲୋକ ଓପିଓଇଡ୍ ନେଉଛନ୍ତି, ତିନି କୋଟି ଲୋକ ଆମ୍ଫେଟେମିନ୍ ନେଉଛନ୍ତି, ୨.୩୦ କୋଟି ଲୋକ କୋକେନ ନେଉଛନ୍ତି ଏବଂ ପ୍ରାୟ ଦୁଇ କୋଟି ଲୋକ ଏକ୍ସଟସି ନିଶା ସେବନ କରୁଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ ସାରା ବିଶ୍ୱରେ ପ୍ରାୟ ୬ କୋଟି ଲୋକ ନିଶା ସେବନରୁ ଆରୋଗ୍ୟ କରିବାର ଆବଶ୍ୟକତା ରହିଛି। କିନ୍ତୁ ଡାକ୍ତରଖାନାଗୁଡ଼ିକରେ ଉପଲବ୍ଧ ସୁବିଧା ପର୍ଯ୍ୟାପ୍ତ ନୁହେଁ। ଭାରତର ଜାତିସଂଘର ରେସିଡେଣ୍ଟ ସଂଯୋଜକ ଶୋମ୍ବି ଶାର୍ପ କହିଛନ୍ତି ଯେ ଆମର ପ୍ରୟାସ କେବଳ ସନ୍ତୁଳିତ ହେବା ସହିତ ସ୍ୱାସ୍ଥ୍ୟ ଅଧିକାରମାନଙ୍କ ସହ ମାନବିକ ଅଧିକାର ମଧ୍ୟ ବଜାୟ ରଖିବା ଆବଶ୍ୟକ। ନିଶା ସେବନରେ ପୀଡିତ ଲୋକଙ୍କୁ ସାହାଯ୍ୟ କରାଯିବା ଉଚିତ୍। ଏଥିପାଇଁ ସରକାର ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସେ କହିଛନ୍ତି।



## ନିଦ୍ରାହୀନତା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ



ଖାଦ୍ୟ ଓ ପାନୀୟ ପରି ନିଦ ମଧ୍ୟ ମନୁଷ୍ୟ ଶରୀର ପାଇଁ ନିହାତି ଜରୁରୀ। କିନ୍ତୁ ଏବେ ଅଧିକାଂଶ ଲୋକ ନିଦ୍ରହୀନତାର ଶିକାର ହେଉଛନ୍ତି। ରାତିରେ ସଠିକ୍ ଭାବରେ ନଦ ହେଉନାହିଁ। ତେବେ ଆପଣଙ୍କୁ ଏମିତି ଏକ ସମାଧାନର ବାଟ କହିବୁ ଯାହା ଆପଣଙ୍କ ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ଦେବାରେ ବେଶ ସହାୟକ ହେବ।

ନିଦ୍ରାହୀନତା ସମସ୍ୟା ବେଶୀ ଦିନ ରହିଲେ ଏହା ସ୍ୱାସ୍ଥ୍ୟ ପାଇଁ ବଡ଼ ବିପଦ ଆଣିପାରେ । ତେବେ ଏମିତି କିଛି ଉପାୟ ଅଛି ଯାହାକୁ ପାଳନ କଲେ ଆପଣ ରାତିରେ ଗାଢ ନିଦରେ ଶୋଇପାରିବେ । ଶୋଇବା ପୂର୍ବରୁ କରୁଥିବା କାମ ଆପଣଙ୍କ ନିଦକୁ ପ୍ରଭାବିତ କରିଥାଏ। ରାତିରେ ଶୋଇବା ପୂର୍ବରୁ ବ୍ରଶ କରିବା, ନିଜ ତ୍ୱଚାର ଯତ୍ନ ନେବା, ଶୋଇବା ପାଇଁ ଆରାମ ଦାୟକ ପରିବେଶ ତିଆରି କରିବା ଅର୍ଥାତ କୋଠାରୀର ତାପମାତ୍ରା ଠିକ ରଖିବା ଓ ବିଛଣା ସଜାଡିବା ପରି କାମ କରନ୍ତୁ। ଯାହା ଆପଣଙ୍କ ମସ୍ତିଷ୍କରେ ଶୋଇବା ପାଇଁ ଏକ ଅନୁକୂଳ ଭାବନା ଆଣିଥାଏ।

ମନୋବିଜ୍ଞାନୀଙ୍କ ଅନୁସାରେ, ମସ୍ତିକଷ୍କୁ ଚିନ୍ତାଶୂନ୍ୟ ରଖିଲେ ଓ ଶରୀରକୁ ଆରାମ ଦେଲେ ନିଦ ଆପେ ଆପେ ଆସିଥାଏ । ରାତିରେ କିଛି ଜର୍ଣ୍ଣାଲ ଲେଖିବା କିମ୍ବା ଡାୟରୀରେ ଦିନସାରାର ଘଟଣାବଳୀ ଲେଖିବା ଦ୍ୱାରା ଆପଣଙ୍କ ମସ୍ତିଷ୍କରୁ ଅନେକ ଚିନ୍ତାଧାରା ବାହାରିଯାଇଥାଏ । ଫଳରେ ଆପଣଙ୍କୁ ଜଲଦି ଭଲ ନିଦ ଆସିବାର ସମ୍ଭାବନା ରହିଛି । ରାତିରେ ହାଲକା ଖାଦ୍ୟ ଗ୍ରହଣ କରିବା ବେଶ ଉପଯୋଗୀ ହୋଇଥାଏ । ରାତିରେ ଚିନି, କାର୍ବୋହାଇଡ୍ରେଟ, ଫ୍ୟାଟ ଓ କ୍ୟାଫିନ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ଶୋଇବା ପୂର୍ବରୁ କ୍ଷୀର କିମ୍ବା ପାଚିଲା କଦଳୀ ଗ୍ରହଣ କରିପାରିବେ । ଏଥିରେ ମହଜୁଦ ଥିବା ଟ୍ରିପ୍ଟୋଫେନ ନାମକ ରସାୟନ ଆପଣଙ୍କୁ ସୁଖନିଦ୍ରା ଦେଇଥାଏ । ଯଦି ଆପଣଙ୍କୁ ନିଦ ଆସୁନି ତେବେ ଆପଣ କିଛି ସମୟ ପାଇଁ ପ୍ରାଣାୟମ ମଧ୍ୟ କରିପରିବେ। ଶୋଇବା ସେଜରେ ନିଜ ଜିଭକୁ ବିଶ୍ରାମ ଦିଅନ୍ତୁ ଓ ତାକୁ ପାଟିର ତଳ ପାର୍ଶ୍ୱରେ ସ୍ପର୍ଶ କରନ୍ତୁ। ସେହି ଅବସ୍ଥାରେ ୪ ସେକେଣ୍ଡ ପାଇଁ ଧୀରେ ଧୀରେ ନିଶ୍ୱାସ ନିଅନ୍ତୁ। ପରେ ୭ ସେକେଣ୍ଡ ପାଇଁ ନିଶ୍ୱାସକୁ ବନ୍ଦ କରି ପରବର୍ତ୍ତୀ ସମୟରେ ଛାଡ଼ନ୍ତୁ। ଏହି ପ୍ରାଣାୟମକୁ କିଛି ସମୟ ପାଇଁ କଲେ ଆପଣଙ୍କୁ ନିଦ ଆସିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆପଣ ନିଜର ସ୍କ୍ରିନଟାଇମକୁ କମାନ୍ତୁ। ଅର୍ଥାତ ଶୋଇବାର ଏକ ଘଣ୍ଟା ପୂର୍ବରୁ କେ?ଣସି ପ୍ରକାର ଉଜ୍ଜ୍ୱଳ ସ୍କ୍ରିନଠାରୁ ଦୂରରେ ରୁହନ୍ତୁ। ମୋବାଇଲ ଓ ଟିଭି ଦେଖିବା ଦ୍ୱାରା ସେଥିରୁ ଆସୁଥିବା ନୀଳ ଆଲୋକ ଶରୀରେ ନିଦ ଆଣୁଥିବା ମେଲାଟୋନିନ ହରମୋନ କ୍ଷରଣକୁ କମ କରିଥାଏ। ତେଣୁ ଆପଣଙ୍କୁ ଭଲ ନିଦ ହୋଇନଥାଏ। ଶୋଇବାର ଏକ ଘଣ୍ଟା ପୂର୍ବରୁ ମୋବାଇଲକୁ ସାଇଲେଣ୍ଟ ମୋଡ କରି ନିଜଠାରୁ ଦୂରରେ ରଖନ୍ତୁ।

# ଦକ୍ଷିଣ ଆଫ୍ରିକାରେ ବିଶ୍ୱ ରେକର୍ଡ କଲେ ସୁମିତ
## ୧୨ ଘଣ୍ଟାରେ ଦୌଡ଼ିଲେ ୬୮ କିଲୋମିଟର



**ରାଉରକେଲା**

ଦକ୍ଷିଣ ଆଫ୍ରିକାରେ ଚମକିଲେ ଓଡ଼ିଆ ପୁଅ ସୁମିତ ସିଂ। ୯୭ତମ କୋମରେଡ୍ ମାରାଥନରେ ସାମିଲ ହୋଇ ପଦକ ଜିତିବା ସହ ଦେଶ ଓ ରାଜ୍ୟର ନାମକୁ ଗର୍ବିତ କରାଇଛନ୍ତି। ୧୨ ଘଣ୍ଟାରେ ୬୮.୦୪ କିଲୋମିଟର ଅତିକ୍ରମ କରି ଗିନିଜ୍ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି ରାଉରକେଲା ପୁଅ ଧାବକ ସୁମିତ ସିଂ। ସବୁଠାରୁ କଠିନ କୁହାଯାଉଥିବା କୋମରେଡ୍ ମାରାଥନରେ ସାମିଲ ହୋଇ ଓଡ଼ିଶାକୁ ଗର୍ବିତ କରାଇଛନ୍ତି ସେ। ଏଥିପାଇଁ ରାଜ୍ୟପାଳ ଓ କ୍ରୀଡ଼ାମନ୍ତ୍ରୀ ତାଙ୍କୁ ସମ୍ମାନିତ କରିଛନ୍ତି।

ବିଶ୍ୱର ସବୁଠାରୁ କଠିନ ମାରାଥନ ହେଉଛି କୋମରେଡ୍ ମାରାଥନ। ଗତ ଜୁନ୍ ମାସରେ ଦକ୍ଷିଣ ଆଫ୍ରିକାରେ ୯୭ତମ କୋମରେଡ୍ ମାରାଥନ ଆୟୋଜିତ ହୋଇଥିଲା। ମାରାଥନରେ ୧୨ ଘଣ୍ଟାରେ ୮୯ କିଲୋମିଟର ଅତିକ୍ରମ କରିବାକୁ ପଡ଼େ। ଧାବକ ସୁମିତ ସିଂ ଏଥିରେ ସାମିଲ ହୋଇ ମେଡାଲ ଜିତିଛନ୍ତି। ୧୨ ଘଣ୍ଟାରେ ସେ ୬୮.୦୪ କିଲୋମିଟର ଅତିକ୍ରମ କରି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଥିଲେ। ପୂର୍ବରୁ ସେ ମାରାଥନରେ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡ଼୍ସ ଏବଂ ଲିମ୍କା ବୁକ୍ ଅଫ୍ ରେକର୍ଡ଼୍ସ ସହ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ଼୍ସରେ ସ୍ଥାନ ପାଇଥିଲେ।

ସୁମିତ ଏହି ରେକର୍ଡକୁ କେବଳ ନିଜ ନାମରେ କରିବା ପାଇଁ ଏହି ମାରାଥନରେ ସାମିଲ ହୋଇଥିଲେ ତା'ନୁହଁ ବରଂ ସମସ୍ତଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଉତ୍ସାହିତ କରୁଛନ୍ତି। ତାଙ୍କର ଏହି କୃତିତ୍ୱରେ ରାଜ୍ୟପାଳଙ୍କ ଠାରୁ ଆରମ୍ଭ କରି ରାଜ୍ୟ କ୍ରୀଡ଼ା ମନ୍ତ୍ରୀଙ୍କ ସହ କ୍ରୀଡ଼ା ସଚିବ ସମସ୍ତେ ପ୍ରଶଂସା କରୁଛନ୍ତି।

# ରାହୁଲ ଦ୍ରାବିଡ଼ଙ୍କୁ ମିଳିପାରେ ନୂଆ ଦାୟିତ୍ୱ !

**ନୂଆଦିଲ୍ଲୀ**


ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହୋଇଛନ୍ତି। ଏନେଇ ବିସିସିଆଇ ସମ୍ପାଦକ ଜୟ ଶାହ ମଙ୍ଗଳବାର ଘୋଷଣା କରିଛନ୍ତି। ସେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ଦାୟିତ୍ୱ ନେବାପରେ ଆଇପିଏଲ୍ ଟିମ୍ କୋଲକାତା ନାଇଟ ରାଇଡର୍ସକୁ ଝଟ୍‌କା ଲାଗିଛି। କାରଣ ଗମ୍ଭୀରଙ୍କ ମାର୍ଗଦର୍ଶନରେ ଦଳ ଚଳିତ ବର୍ଷ ଆଇପିଏଲ ଋମ୍ପିୟନ ହୋଇଥିଲା। ସେହିପରି ତାଙ୍କୁ ଆସନ୍ତା ୧୦ ବର୍ଷ ପାଇଁ ଟିମ୍‌ର ମେଣ୍ଟର ବା ମାର୍ଗଦର୍ଶକ କରି ରଖିବା ପାଇଁ ଯୋଜନା କରିଥିଲେ ଏହାର ସହ-ମାଲିକ ଶାହରୁଖ୍ ଖାନ୍। ତେବେ ଗମ୍ଭୀରଙ୍କ ସ୍ଥାନ ପୂରଣ କରିବାକୁ ରାହୁଲ ଦ୍ରାବିଡ଼ଙ୍କ ଉପରେ ନଜର ପକାଇଛି କୋଲକାତା ନାଇଟ ରାଇଡର୍ସ। ସୂଚନା ଅନୁଯାୟୀ, ଗମ୍ଭୀରଙ୍କ ପରେ ଦଳ ଆଉ କାହାକୁ ମେଣ୍ଟର କରିବ, ସେ ନେଇ ଏକ ତାଲିକା ପ୍ରସ୍ତୁତ କରିଛି। ଆଉ ସେଥିରେ ରାହୁଲ ଦ୍ରାବିଡ଼ଙ୍କ ନାଁ ମଧ୍ୟ ରହିଛି। କିନ୍ତୁ ଦଳ ଏଯାଏଁ ରାହୁଲଙ୍କ ସହିତ ଏ ନେଇ କଥାବାର୍ତ୍ତା କରି ନାହିଁ।



କିଛି ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କେବଳ କୋଲକାତା ନାଇଟ ରାଇଡର୍ସ ନୁହେଁ, ଆଇପିଏଲ ଖେଳୁଥିବା ଆହୁରି ଅନେକ ଟିମ୍ ୨୦୨୫ ସିଜିନ ପୂର୍ବରୁ ରାହୁଲ ଦ୍ରାବିଡ଼ଙ୍କୁ କୋଚ୍ ବା ମେଣ୍ଟର କରିବାକୁ ଋହୁଁଛନ୍ତି। ଭାରତ ଟି-୨୦ ବିଶ୍ୱକପ ୨୦୨୪ ଜିତିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା ବେଳେ ରାହୁଲ ଦ୍ରାବିଡ଼ ମଜାରେ କହିଥିଲେ ଯେ ସେ ବର୍ତ୍ତମାନ ବେକାର ଅଛନ୍ତି। ତାଙ୍କ ହାତରେ କୌଣସି କାମ ନାହିଁ। ଯଦି କାହା ପାଖରେ କିଛି ଅଫର ଅଛି, ତା'ହେଲେ କୁହନ୍ତୁ ବୋଲି ସେ କହିଥିଲେ।

ପୁଣି ଥରେ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହେବାର ସୁଯୋଗ ରାହୁଲ ଦ୍ରାବିଡ଼ଙ୍କ ପାଖରେ ଥିଲା। କିନ୍ତୁ ସେ ଆଉ ଏହି ପଦରେ ରହିବାକୁ ଋହିଁଲେ ନାହିଁ। ସେ ବର୍ଷରେ ପ୍ରାୟ ୧୦ ମାସ ଘରଠାରୁ ଦୂରରେ ରହିବାକୁ ଋହୁଁ ନାହାନ୍ତି। ସେ ପରିବାର ଲୋକଙ୍କୁ ସମୟ ଦେବାକୁ ଋହୁଁଛନ୍ତି। କିନ୍ତୁ ଆଇପିଏଲ କଥା ଅଲଗା। ଏଥିରେ ମାତ୍ର ୨-୩ ମାସ ଦଳକୁ ସମୟ ଦେବାକୁ ପଡ଼େ। ତେଣୁ ସେ ପୁଣି ଥରେ ଆଇପିଏଲକୁ ଫେରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅତୀତରେ ସେ କିଛି ଆଇପିଏଲ୍ ଟିମ୍ ସହିତ ମେଣ୍ଟର ଓ କୋଚ୍ ଭାବେ ଜଡ଼ିତ ଥିଲେ।

# ଟିମ୍ ଇଣ୍ଡିଆର ନୂତନ ମୁଖ୍ୟ କୋଚ୍ ହେଲେ ଗୌତମ ଗମ୍ଭୀର



**ମୁମ୍ବାଇ**

ପୂର୍ବତନ ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ନୂଆ ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ରାହୁଲ ଦ୍ରାବିଡ଼ଙ୍କ କାର୍ଯ୍ୟକାଳ ଶେଷ ହେବା ପର ତାଙ୍କ ସ୍ଥାନରେ ଗୌତମଙ୍କୁ ନିଯୁକ୍ତ କରାଯାଇଛି। ଗୌତମ ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହେବା ନେଇ ଗତ କିଛି ମାସ ହେଲା ଚର୍ଚ୍ଚା ଋଲିଥିଲା। ଏ ନେଇ ବିସିସିଆଇ ଓ ଗମ୍ଭୀରଙ୍କ ମଧ୍ୟରେ ଅନେକ ଥର କଥାବାର୍ତ୍ତା ହୋଇଥିଲା। ସେଥିରୁ କଳ୍ପନା କରାଯାଉଥିଲା ଯେ, ଗୌତମ ଗମ୍ଭୀର ଟିମ୍ ଇଣ୍ଡିଆର ମୁଖ୍ୟ କୋଚ୍ ହେବା ନିଶ୍ଚିତ । ଗୌତମ ଗମ୍ଭୀରଙ୍କୁ ଭାରତୀୟ କ୍ରିକେଟ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ଭାବେ ସ୍ୱାଗତ କରି ମୁଁ ଆନନ୍ଦିତ ବୋଲି କହିଛନ୍ତି ଜୟ ଶାହା। ସେ କହିଛନ୍ତି ଯେ, ଆଜିର ସମୟରେ କ୍ରିକେଟ ବହୁତ ଦ୍ରୁତ ଗତିରେ ବିକଶିତ ହୋଇଛି ଏବଂ ଗୌତମ ଏହି ପରିବର୍ତ୍ତିତ ଦୃଶ୍ୟକୁ ଅତି ନିକଟରୁ ଦେଖିଛନ୍ତି। ନିଜ କ୍ୟାରିୟରରେ ବିଭିନ୍ନ ଭୂମିକାରେ ଭଲ ପ୍ରଦର୍ଶନ କରିଥିବା ଗୌତମ ଭାରତୀୟ କ୍ରିକେଟକୁ ଆଗକୁ ନେବା ପାଇଁ ଆଦର୍ଶ ବ୍ୟକ୍ତି ବୋଲି ମୋର ବିଶ୍ୱାସ ରହିଛି। ଭାରତୀୟ ଦଳ ପାଇଁ ତାଙ୍କର ସ୍ପଷ୍ଟ ଦୃଷ୍ଟିକୋଣ ଓ ତାଙ୍କର ବିଶାଳ ଅଭିଜ୍ଞତା ତାଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ସବୁଠାରୁ ଋହିଦାପୂର୍ଣ୍ଣ ପ୍ରଶିକ୍ଷଣ ଭୂମିକା ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଛି। ସେ ଏହି ନୂଆ ଯାତ୍ରା ଆରମ୍ଭ କରୁଥିବାବେଳେ ବିସିସିଆଇ ତାଙ୍କୁ ପୂର୍ଣ୍ଣ ସମର୍ଥନ କରୁଛି।

ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍ ନିଯୁକ୍ତ ହେବା ପରେ ଗୌତମ ଏକ୍ସରେ ଲେଖିଛନ୍ତି ଯେ, ଏହି ପଦବୀ ଗ୍ରହଣ କରିବା ତାଙ୍କ ପାଇଁ ବେଶ୍ ସମ୍ମାନର ବିଷୟ।

# ହାଇକୋର୍ଟ ଗଲେ ଯୁବରାଜ





**ନୂଆଦିଲ୍ଲୀ**

ବିଲ୍‌ଡରଙ୍କ ବିରୋଧରେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ବ୍ୟାଟ୍ସମ୍ୟାନ ଯୁବରାଜ ସିଂଙ୍କୁ ଦିଲ୍ଲୀ ହାଇକୋର୍ଟରେ ପହଞ୍ଚିବାକୁ ପଡ଼ିଛି। ଯୁବରାଜ ସିଂଙ୍କ ଆବେଦନ ଉପରେ ଏକ ରିଏଲ ଇଷ୍ଟେଟ କମ୍ପାନୀକୁ ଦିଲ୍ଲୀ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ପୂର୍ବତନ ଭାରତୀୟ କିମ୍ବଦନ୍ତୀ ଏହି ସମସ୍ୟାର ସମାଧାନ ପାଇଁ ମଧ୍ୟସ୍ଥି ନିଯୁକ୍ତ କରିବାକୁ ଦାବି କରିଛି।

ଜଷ୍ଟିସ ସି. ହରିଶଙ୍କର ଯୁବିଙ୍କ ଆବେଦନ ଶୁଣାଣି କରି ବ୍ରିଲିଆଣ୍ଟ ଇଟୋଏଲ ପ୍ରାଇଭେଟ୍ ଲିମିଟେଡ୍ ଠାରୁ ଜବାବ ମାଗିଛନ୍ତି। ଯୁବରାଜ ବ୍ୟକ୍ତିତ୍ୱ ଅଧିକାରର ଉଲ୍ଲଂଘନ ଏବଂ ଫ୍ଲାଟ୍ ବିତରଣରେ ବିଳମ୍ବ କରିଥିବା ଅଭିଯୋଗ କରିଛନ୍ତି।

୨୦୨୧ରେ ଯୁବରାଜ ଦିଲ୍ଲୀର ହାଉଜ ଖାସ୍‌ରେ ବ୍ରିଲିଆଣ୍ଟ ଇଟୋଏଲ ପ୍ରାଇଭେଟ୍ ଲିମିଟେଡ୍‌ରେ ଏକ ଫ୍ଲାଟ୍ ବୁକ୍ କରିଥିଲେ। ସେତେବେଳେ ଫ୍ଲାଟ୍‌ର ମୂଲ୍ୟ ପ୍ରାୟ ୧୪.୧୦ କୋଟି ଟଙ୍କା ବୋଲି କୁହାଯାଉଥିଲା। ନଭେମ୍ବର ୨୦୨୩ରେ ସେ ଫ୍ଲାଟ୍ ପାଇଥିଲେ, କିନ୍ତୁ ଯେତେବେଳେ ସେ ଫ୍ଲାଟ୍‌କୁ ଦେଖିଲେ, ଏହାର ଗୁଣବତ୍ତା ନିମ୍ନମାନର ଥିଲା।

ଯୁବି କହିଛନ୍ତି, ବିଲ୍‌ଡର ଫିଟିଙ୍ଗର ଗୁଣବତ୍ତା, ସାଜସଜ୍ଜା, ଆଲୋକୀକରଣ ନିମ୍ନମାନର କରିଛନ୍ତି। ଏହି କାରଣରୁ ଯୁବରାଜ ଫ୍ଲାଟ୍ ହସ୍ତାନ୍ତର କରିବାରେ ବିଳମ୍ବ ଏବଂ ଏଥିରେ ଖରାପ ଗୁଣାତ୍ମକ ସାମଗ୍ରୀର ବ୍ୟବହାର ପାଇଁ କ୍ଷତିପୂରଣ ମାଗିଥିଲେ। ବିଲ୍‌ଡର ଏମଓୟୁ ସର୍ତ୍ତାବଳୀ ଉଲ୍ଲଂଘନ କରିଛନ୍ତି ବୋଲି ଯୁବି କହିଛନ୍ତି।

# ହକି ଭଳି ଫୁଟ୍‌ବଲ୍‌ରେ ବି ଦୁର୍ଦ୍ଦଶା : ଭାରତୀୟ ଦଳରେ କମୁଛି ଓଡ଼ିଆଙ୍କ ପ୍ରତିନିଧିତ୍ୱ

## ମ୍ୟାମାର ମ୍ୟାଚ୍ ପାଇଁ ଭାରତୀୟ ଦଳରେ କେବଳ ପ୍ୟାରୀ

**ଭୁବନେଶ୍ୱର**

ଭାରତୀୟ ହକି ଦଳରେ ଯେଉଁଭଳି ଭାବେ ଓଡ଼ିଆ ଖେଳାଳିଙ୍କ ପ୍ରତିନିଧିତ୍ୱ କମିକମି ଯାଉଛି। ଠିକ୍ ସେମିତି ମହିଳା ଫୁଟ୍‌ବଲ୍‌ରେ ମଧ୍ୟ ଅବସ୍ଥା ସଙ୍ଗୀନ୍ ହେବାକୁ ବସିଲାଣି। ଦିନେ ଜାତୀୟ ଦଳରେ ଓଡ଼ିଶାରୁ ଅଧଡ଼ଜନ ଖେଳାଳି ସ୍ଥାନ ପାଉଥିଲେ। କିନ୍ତୁ ଏବେ ଏହି ସଂଖ୍ୟା ୧ରେ ପହଞ୍ଚିଲାଣି। ୯ରୁ ୧୨ ତାରିଖ ମଧ୍ୟରେ ମିଆଁମାର ବିପକ୍ଷ ଦୁଇଟି ଆନ୍ତର୍ଜାତିକ ମ୍ୟାଚ୍ ପାଇଁ ଘୋଷଣା ହୋଇଥିବା ଭାରତୀୟ ମହିଳା ଫୁଟ୍‌ବଲ୍ ଦଳରେ ଓଡ଼ିଶାରୁ କେବଳ ପ୍ୟାରୀ ଖାଖା ହିଁ ସ୍ଥାନ ପାଇଛନ୍ତି। ଏହି ଚୟନ ପୂର୍ବରୁ କୋଲ୍‌କାତାରେ ହୋଇଥିବା ଅଭ୍ୟାସ ଶିବିରରେ ପ୍ୟାରୀଙ୍କ ସହ ଜୁଲି କିଷାନ ମଧ୍ୟ ଯୋଗ ଦେଇଥିଲେ। ହେଲେ ଚୂଡ଼ାନ୍ତ ୨୩ ଜଣିଆ ଦଳରେ ପ୍ୟାରୀ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ରହିଯାଇଛନ୍ତି। ଜୁଲିଙ୍କ ବିବାହ ଥିବାରୁ ସେ ଛୁଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ମନୀଷା ପାନ୍ନା ମଧ୍ୟ ନିୟମିତ ଜାତୀୟ ଦଳରେ



ଖେଳିଆସୁଥିଲେ, କିନ୍ତୁ ସେ ଆହତ ଥିବାରୁ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ଅନିଶ୍ଚିତତା ଭିତରେ ଅଛି।

କ୍ରୀଡ଼ାର ରାଜଧାନୀରେ ଭାରତୀୟ ଫୁଟ୍‌ବଲ୍ ଦଳକୁ ଅଭ୍ୟାସ ପାଇଁ ଭିତ୍ତିଭୂମି ଯୋଗାଇ ଦିଆଯାଉଛି। ଆନ୍ତର୍ଜାତିକ ମ୍ୟାଚ୍ ମଧ୍ୟ ଏଠାରେ ନିୟମିତ କରାଯାଉଛି। କିନ୍ତୁ ରାଜ୍ୟ ଫୁଟ୍‌ବଲ୍‌ର ଯେଉଁଭଳି ଭାବେ ଉନ୍ନତି ଆସିବା କଥା, ବାସ୍ତବରେ ତାହାର ଓଲଟା ସ୍ଥିତି ହୋଇଯାଇଛି। କେବଳ ଅନ୍ତଃଜିଲ୍ଲା, ଅନ୍ତଃକ୍ଲବ୍, ଅନ୍ତଃବିଦ୍ୟାଳୟ ଭଳି ମ୍ୟାଚ୍ ଆୟୋଜନରେ ରାଜ୍ୟ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗ ସୀମିତ ରହୁଛନ୍ତି। କିନ୍ତୁ ତୃଣମୂଳସ୍ତରରୁ ଯେଉଁଭଳି ଗୁଣାତ୍ମକ ପ୍ରଶିକ୍ଷଣ ଦିଆଯିବା କଥା ତାହା ସମ୍ଭବ ହୋଇପାରୁନି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଛାତ୍ରାବାସରୁ ମଧ୍ୟ ଖେଳାଳି ବାହାରିବା କମିଯାଇଛି। ଗତ କିଛି ବର୍ଷ ଭିତରେ ମନୀଷା ନାୟକ, ମଞ୍ଜୁ ଗଞ୍ଜୁ, ସସ୍ମିତା ତନ୍ତି ଓ ସରିତା ଷଡ଼ଙ୍ଗୀ କନିଷ୍ଠ ଭାରତୀୟ ଦଳରେ ଖେଳିଛନ୍ତି। କିନ୍ତୁ ଜାତୀୟ ବରିଷ୍ଠ ଦଳରେ ଖେଳିପାରି ନାହାନ୍ତି। ଚଳିତ ବର୍ଷ ରୂପଶ୍ରୀ ମୁଣ୍ଡା ଏକମାତ୍ର ସକ୍ରିୟ କ୍ରୀଡ଼ା ଛାତ୍ରାବାସ ଖେଳାଳି ଭାବେ ସାଫ୍ ଗେମ୍ ଖେଳିବା ପାଇଁ ୧୭ ବର୍ଷରୁ କମ୍ ଭାରତୀୟ ଦଳ ସହ ନେପାଳ ଯାଇଥିଲେ। କିନ୍ତୁ ଓଡ଼ିଶାରୁ ଆଉ କାହିଁକି ଜାତୀୟ ଦଳରେ ଖେଳିବା ଭଳି ଦକ୍ଷ ଖେଳାଳି ବାହାରି ପାରୁନାହାନ୍ତି, ତାହାର ତର୍ଜମା କରିବା ଆବଶ୍ୟକତା ରହିଛି।

ଭାରତୀୟ ଦଳ: ଗୋଲି-ଶ୍ରେୟା ହୁଦା, ପାନ୍ତୋଇ ଋନୁ, ଏମ୍ ଲିନ୍ଥୋଇଙ୍ଗାମ୍ବି ଦେବୀ, ଡିଫେଣ୍ଡର-ଆଶାଲତା ଦେବୀ, ହେମମ ସିଲ୍‌କି ଦେବୀ, ସଂଜୁ, ଡବ୍‌ଲ୍ୟୁ ଲିନ୍ଥୋଇଙ୍ଗାମ୍ବି ଦେବୀ, ଅରୁଣା ବାଗ୍, ମିଡ୍‌ଫିଲ୍ଡର-ଏନ୍ ପ୍ରିୟଙ୍କା ଦେବୀ, ସଂଗୀତା ବାସଫୋର୍, କାର୍ତ୍ତିକା ଅଙ୍ଗମୁଥୁ, ନେହା, ଏନ୍ ରତନବାଳା ଦେବୀ, ମୌସୁମୀ ମୁର୍ମୁ, ଫରୱାର୍ଡ-କାଜଲ ହ୍ୟୁବର୍ଟ ଡିସୌଜା, ଅଞ୍ଜୁ ତମଙ୍ଗ, ସୌମ୍ୟା ଗୋଗୁଲୋଥ, ସାନ୍ଧିୟା ରଙ୍ଗନାଥନ୍, କରିସ୍ମା ପୁରୁଷୋତ୍ତମ ସିରଭୋଲକର, ଲିଣ୍ଡା କମ୍ ସେର୍ଟୋ, ପ୍ୟାରୀ ଖାଖା, ଜ୍ୟୋତି, ରିମ୍ପା ହାଲଦାର।

# ବିଶ୍ରାମ ନେବେ ରୋହିତ, ପାଣ୍ଡ୍ୟା-ରାହୁଲଙ୍କ ମଧ୍ୟରୁ ଜଣକୁ ମିଳିପାରେ ଦାୟିତ୍ୱ

**ନୂଆଦିଲ୍ଲୀ**



ଆସନ୍ତା ମାସରେ ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ଟି-୨୦ ବିଶ୍ୱକପ ପରେ ରୋହିତ ଶର୍ମା ବିଶ୍ରାମ ନେବେ ବୋଲି ସ୍ପଷ୍ଟ ହେବା ପରେ ଏବେ ଭାରତକୁ ଆଗେଇ ନେବା ପାଇଁ ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ୱିକେଟ କିପର-ବ୍ୟାଟ୍ସମ୍ୟାନ କେ.ଏଲ ରାହୁଲ ଅଧିନାୟକ ଦୌଡ଼ରେ ଅଛନ୍ତି। ଖବର ଅନୁଯାୟୀ, ବିରାଟ କୋହଲି ଏବଂ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ସହ ଭାରତୀୟ ଅଧିନାୟକ ରୋହିତ ଶର୍ମା ଶ୍ରୀଲଙ୍କା ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳିବେ ନାହିଁ। ରୋହିତଙ୍କ ଅନୁପସ୍ଥିତିରେ, ଟି-୨୦ ବିଶ୍ୱକପ ୨୦୨୪ରେ ଉପଅଧିନାୟକ ଭାବେ କାର୍ଯ୍ୟ କରିଥିବା ପାଣ୍ଡ୍ୟା ଓ ୨୦୨୩ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜରେ ଭାରତର ଅଧିନାୟକ ଥିବା କେ.ଏଲ ରାହୁଲଙ୍କ ମଧ୍ୟରୁ କେହି ଜଣେ ଅଧିନାୟକ ହେବେ ବୋଲି ଚର୍ଚ୍ଚା ହେଉଛି। ଦେଖିବାକୁ ଗଲେ ହାର୍ଦ୍ଦିକ ଏପର୍ଯ୍ୟନ୍ତ ତିନୋଟି ଦିନିକିଆରେ ଭାରତର ନେତୃତ୍ୱ ନେଇଥିବାବେଳେ ରାହୁଲ ୧୨ଟି ଦିନିକିଆରେ ଭାରତର ଅଧିନାୟକ ଭାବରେ କାର୍ଯ୍ୟ କରିଛନ୍ତି। ସେଥିମଧ୍ୟରୁ ସେ ଆଠଟି ଜିତିଛନ୍ତି। ଦିନିକିଆ ଦଳର ନିୟମିତ ସଦସ୍ୟ ଥିବା କର୍ଣ୍ଣାଟକର ୩୧ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ରାହୁଲ ଗତ ଜାନୁଆରୀ ୨୦୨୪ରେ ଇଂଲଣ୍ଡ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ଟେଷ୍ଟରେ ଖେଳିଥିଲେ। କୁହାଯାଉଛି ଯେ, ବରିଷ୍ଠ ଖେଳାଳିମାନେ କିଛି ମାସ ବିଶ୍ରାମ ନେଇ ଆଗାମୀ ମ୍ୟାଚ୍ ପାଇଁ ପ୍ରସ୍ତୁତ ହେବେ। ରୋହିତ, ବିରାଟ ଏବଂ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି ଏବଂ ସେପ୍ଟେମ୍ବରରେ ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ସେମାନେ ଦଳରେ ଯୋଗଦେବେ।

# ଜାତୀୟ ଆଥ୍‌ଲେଟିକ୍ ମିଟ୍‌ରେ ସ୍ୱର୍ଣ୍ଣପଦକ ହାସଲ କଲେ ଓଡ଼ିଆ ପୁଅ

**ରାଉରକେଲା**

ଆଥ୍‌ଲେଟିକ୍‌ରେ କେବଳ ଦେଶ ନୁହେଁ, ବିଶ୍ୱସ୍ତରରେ ଦବ୍‌ଦବା ଦେଖାଉଛି ଓଡ଼ିଶା। ଦେଶର ବହୁ ଆଥଲେଟିକ୍ ପ୍ରତିଯୋଗିତାରେ ଓଡ଼ିଆ ଆଥଲେଟ୍ ଜାତୀୟ ରେକର୍ଡ ସ୍ଥାପନ କରି ରାଜ୍ୟର ନାଁକୁ ସ୍ୱର୍ଣ୍ଣାକ୍ଷରରେ ଲେଖୁଛନ୍ତି। ଏହି କ୍ରମରେ ରାଉରକେଲାର ପ୍ରତୀକ ମହାରଣା ଛତିଶଗଡ଼ର ବିଳାସପୁର ଠାରେ ଅନୁଷ୍ଠିତ ଆଥ୍‌ଲେଟିକ୍ ଫେଡ଼େରସନ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ ଯୁବ ଜାତୀୟ ଆଥ୍‌ଲେଟିକ୍ ମିଟ୍‌ରେ ଦମ୍ ଦେଖାଇବା ସହ ଏଥିରେ କୃତିତ୍ୱ ହାସଲ କରି ରାଜ୍ୟକୁ ସ୍ୱର୍ଣ୍ଣ ପଦକ ଆଣିଛନ୍ତି। ଏହା ସହିତ ସେ ନିଜ ନାମରେ ଏକ ଜାତୀୟ ରେକର୍ଡ ମଧ୍ୟ ଅଳଙ୍କୃତ କରିଛନ୍ତି। ୨୦୦ ମିଟର ଦୌଡ଼କୁ ସେ ୨୧.୬୫



ସେକେଣ୍ଡରେ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି।

ରାଉରକେଲା ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମରେ ପ୍ରଶିକ୍ଷକ ଶିବ ମିଶ୍ରଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ପ୍ରତୀକ ମହାରଣା ରାଜ୍ୟରେ କରିଥିବା ନିଜର ପୂର୍ବ ରେକର୍ଡକୁ ମଧ୍ୟ ଏହି ପ୍ରତି-ଯୋଗିତାରେ ଭାଙ୍ଗିଛନ୍ତି। ଏହାସହ ସେ ଜାତୀୟସ୍ତରରେ ନିଜର କୀର୍ତ୍ତିମାନ ସ୍ଥାପନ କରିଛନ୍ତି।

# ଟି-୨୦ ଜିତିବାର ଅସଲ କାହାଣୀ ମସ୍କୋରେ କହିଲେ ମୋଦି

**ମସ୍କୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ରୁଷିଆ ଗସ୍ତରେ ଅଛନ୍ତି। ଯେଉଁଠାରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ରୁଷିଆର ମସ୍କୋରେ ଉତ୍ସାହୀ ଭାରତୀୟ ସମ୍ପ୍ରଦାୟକୁ ସମ୍ବୋଧିତ କରିଛନ୍ତି। ଏହି ଇଭେଣ୍ଟରେ ସେ ଭାରତୀୟ କ୍ରିକେଟ ଦଳ ଟି-୨୦ ବିଶ୍ୱକପ ୨୦୨୪ (ଆଇସିସି ପୁରୁଷ ଟି-୨୦ ବିଶ୍ୱକପ ୨୦୨୪) ଟାଇଟଲ ଜିତିବା ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ସେ ବଲରେ ବସିଥିବା ଭାରତୀୟ ସମ୍ପ୍ରଦାୟର ଲୋକଙ୍କୁ ଭାରତର ବିଜୟର ପ୍ରକୃତ କାହାଣୀ ବିଷୟରେ କହିଥିଲେ।

ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀ ମୋଦି ମସ୍କୋରେ ଏକ କମ୍ୟୁନିଟି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ଏହି ସମୟରେ ସେ ଲୋକମାନଙ୍କୁ ସମ୍ବୋଧିତ କରିବାବେଳେ ଟିମ୍ ଇଣ୍ଡିଆ ଟି-୨୦ ବିଶ୍ୱକପ ଜିତିବା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ରୁଷ୍ ସହିତ ସକରାତ୍ମକ ସମ୍ପର୍କ ଏବଂ ଭ୍ଲାଦିମିର ପୁଟିନଙ୍କ ନେତୃତ୍ୱକୁ ମୋଦି ପ୍ରଶଂସା କରିଛନ୍ତି।

ଜୁନ୍ ୨୯ରେ, ଭାରତୀୟ ଦଳ ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୭ ରନରେ ପରାସ୍ତ କରିଥିଲା। ଅନ୍ତିମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ଶେଷ ଓଭରରେ ୧୬ ରନ ଆବଶ୍ୟକ ଥିଲା। ଏଥିରୁ ଜଣାପଡୁଥିଲା ଯେ ଏହି ମ୍ୟାଚ୍ ଭାରତ ହାତରୁ ଖସି ଯାଇଛି, କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା, ଅର୍ଶଦୀପ ସିଂ ଏବଂ ଜସ୍‌ପ୍ରୀତ ବୁମ୍‌ରା ଏହି ମ୍ୟାଚ୍‌ରେ ଭାରତ ପାଇଁ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ଭାରତ ଏହି



ମ୍ୟାଚ୍‌ରେ ଜିତିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ ଆପଣ ନିଶ୍ଚିତ ଭାବରେ ଟି-୨୦ ବିଶ୍ୱକପରେ ଭାରତର ବିଜୟ ଉତ୍ସବ ପାଳନ କରିଥିବେ। ବିଶ୍ୱକପ ଜିତିବାର ପ୍ରକୃତ କାହାଣୀ ମଧ୍ୟ ବିଜୟର ଯାତ୍ରା। ଆଜିର ଯୁବ ତଥା ଆଜିର ଯୁବ ଭାରତ ଶେଷ ବଲ ଏବଂ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ହାର ମାନନ୍ତି ନାହିଁ। ବିଜୟ କେବଳ ସେହିମାନଙ୍କ ପାଦକୁ ଚୁମ୍ବନ କରେ ଯେଉଁମାନେ ପରାଜୟ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି।

ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଘରକୁ ଫେରିବା ପରେ ନୂଆଦିଲ୍ଲୀରେ ବିଶ୍ୱ ଋମ୍ପିୟନ ଭାରତୀୟ ଦଳକୁ ଭେଟିଥିଲେ। ବାରବାଡୋସରେ ଘୂର୍ଣ୍ଣିବଳୟ ପରେ ରୋହିତ ଏବଂ କମ୍ପାନୀ ଯେତେବେଳେ ଘରକୁ ଫେରିଥିଲେ, ସେତେବେଳେ ଭାରତୀୟ ଦଳ ପ୍ରଥମେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚିଥିଲେ, ଯେଉଁଠାରେ ପ୍ରଧାନମନ୍ତ୍ରୀ ମୋଦି କ୍ରିକେଟରମାନଙ୍କୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଥିଲେ।

# 'ଦି ବିଗ୍ ବୁକ୍ ଅଫ୍ ଓଡ଼ିଆ ଲିଟରେଚର' ଉନ୍ମୋଚିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ରଥଯାତ୍ରା ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ହୋଟେଲ ମାରିଅନ୍ ସମ୍ମିଳନୀ କକ୍ଷରେ 'ଦି ବିଗ୍ ବୁକ୍ ଅଫ୍ ଓଡ଼ିଆ ଲିଟରେଚର୍' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଓଡ଼ିଆ ଗାଳ୍ପିକ ତରୁଣକାନ୍ତି ମିଶ୍ର, ଅନୁବାଦକ କାଳିଦାସ ମିଶ୍ର, ଅବସରପ୍ରାପ୍ତ ଆୟକର କମିଶନର୍ ପ୍ରଦୋଷ ଚନ୍ଦ୍ର ମହାନ୍ତି ଏବଂ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ସାତଶହ ଅଠେଇଶ ପୃଷ୍ଠାର ଏହି ପୁସ୍ତକଟିରେ ଓଡ଼ିଆ ଭାଷାର ପୁରାତନ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ଲିଖିତ ପ୍ରତିନିଧିସ୍ଥାନୀୟ କବିତା, ଗଳ୍ପ, ନାଟକ ଓ ପ୍ରବନ୍ଧ ଇଂରାଜୀରେ ଅନୁଦିତ ହୋଇ ସଂକଳିତ ହୋଇଛି। ୧୦୦ରୁ ଊର୍ଦ୍ଧ୍ୱ କବି, ୩୦ଜଣ ଗାଳ୍ପିକ, ୨ଜଣ ନାଟ୍ୟକାର ଓ ୨୩ଜଣ ପ୍ରାବନ୍ଧିକଙ୍କ କୃତି ଏହି ସଂକଳନରେ ସ୍ଥାନ ପାଇଛି। ଇଂରାଜୀରେ ଓଡ଼ିଆ ଭାଷାର ଅନୁଦିତ ରଚନା ଏପ୍ରକାରେ ସଂକଳିତ ହେବା, ପ୍ରଥମ ଓ ଅଭିନବ ପ୍ରୟାସ ବୋଲି କୁହାଯାଉଛି। ଦେଶର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେଙ୍ଗୁଇନ୍ ରାଣ୍ଡମ ହାଉସ ଏହି ବୃହତ୍ ସଂକଳନ ପ୍ରକାଶନର ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ସଂକଳନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ଦଶଟି ଆଦିବାସୀ ଭାଷାରେ ଲିଖିତ କବିତା ତଥା ସମ୍ବଲପୁରୀ, କୋଶଳୀ କବିତା ଏବଂ ଓଡ଼ିଆ କବିଙ୍କ ସଂସ୍କୃତ କବିତାର ଇଂରାଜୀ ଅନୁବାଦ ମଧ୍ୟ ଏହି ସଂକଳନରେ ସ୍ଥାନ ପାଇଛି। ଏପରିକି ଇଂରାଜୀ ଭାଷାରେ ଲେଖୁଥିବା ଓଡ଼ିଆ କବିଙ୍କୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ୪୦ ଜଣ ପ୍ରବୀଣ ଓ ନବୀନ ଅନୁବାଦକ ଏହି ସଂକଳନର ରଚନାଗୁଡ଼ିକ ଅନୁବାଦ କରିଛନ୍ତି। ସେମାନଙ୍କ ମଧ୍ୟରେ ଯଶସ୍ୱୀ ଅନୁବାଦକ ସର୍ବଶ୍ରୀ ବିକ୍ରମ ଦାସ, ଯତୀନ୍ଦ୍ର କୁମାର ନାୟକ, କାଳିଦାସ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଅଜିତ କୁମାର କୁଲୁ, ସମଞ୍ଜସ ଦାସ, ବିଦ୍ୟୁତ ଭୂଷଣ ଜେନା, ସଂସ୍କୃତି ପୂଜାରୀ ଓ ହିମାଂଶୁ ମହାପାତ୍ର ପ୍ରମୁଖ ଅନ୍ୟତମ। ଏହି ବୃହତ୍ ସଂକଳନର ସମ୍ପାଦନା କରିଛନ୍ତି ଜଣାଶୁଣା ଦ୍ୱିଭାଷୀ କବି ମନୁ ଦାଶ। ତାଙ୍କ ମତରେ ବିଭିନ୍ନ ବିଭାଗ ଯଥା ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ଓଡ଼ିଆ ରଚନା, ଇଂରାଜୀରେ ଅନୁଦିତ ହୋଇ ଏକତ୍ର ସଂକଳିତ ହେବାରେ ଏହା ପ୍ରଥମ ଉଦ୍ୟମ। ଜନଜାତି କବିମାନଙ୍କୁ ଉପେକ୍ଷା କରି ଓଡ଼ିଆ ସାହିତ୍ୟର ପ୍ରକୃତ ଚିତ୍ର ପ୍ରସ୍ତୁତ କରିବା ସମ୍ଭବ ନୁହେଁ। ଓଡ଼ିଆ ଜନଜୀବନ ବିବିଧ ସଂସ୍କୃତିକୁ ନେଇ ପରିପୁଷ୍ଟ ହୋଇ ଆସିଛି ଓ ଏହି ପୁସ୍ତକରେ ତା'ର ଚିତ୍ର ଦେବାକୁ ଚେଷ୍ଟା କରାଯାଇଛି। ଏହି ବୃହତ ପୁସ୍ତକଟି ଅଣଓଡ଼ିଆ ଲୋକମାନଙ୍କୁ ଓଡ଼ିଆ ସାହିତ୍ୟ ସଂସ୍କୃତି ସହ ପରିଚିତ କରାଇବ। ଏପରିକି ଓଡ଼ିଶା ବାହାରେ ବସବାସ କରୁଥିବା ଓଡ଼ିଆ ଲୋକମାନେ ନିଜର ମୂଳ ଅସ୍ମିତାକୁ ଏହି ପୁସ୍ତକରୁ ଖୋଜି ପାଇବେ। ସେମାନଙ୍କ ଉତ୍ତରପିଢ଼ି, ଯେଉଁମାନେ ଓଡ଼ିଆ ଭାଷା ସଂସ୍କୃତି ସମ୍ପର୍କରେ ଜାଣନ୍ତି ନାହିଁ, ଏହି ପୁସ୍ତକ ସେମାନଙ୍କୁ ତାହା ଅବଗତ କରାଇବ। ଏହି ଉନ୍ମୋଚନ ଅବସରରେ ସମ୍ପାଦକ ମନୁ ଦାଶଙ୍କ ସହିତ ଭାବ ବିନିମୟ କରିଥିଲେ, ବରିଷ୍ଠ ସାମ୍ବାଦିକ ସମ୍ପଦ ପଟ୍ଟନାୟକ। ସମ୍ପାଦକ ଶ୍ରୀ ଦାଶ ପୁସ୍ତକ ପ୍ରସ୍ତୁତି କ୍ଷେତ୍ରରେ ନିଜର ଅନୁଭବ, ଆହ୍ୱାନ ଓ ପ୍ରତିବନ୍ଧକ ସମ୍ପର୍କରେ ସବିଶେଷ ବର୍ଣ୍ଣନା କରିଥିଲେ। ପରେ ପୁସ୍ତକର କିଛି କିଛି ନିର୍ବାଚିତ ଅଂଶକୁ ଉପସ୍ଥିତ କିଛି ଅନୁବାଦକ ପାଠ କରି ଶୁଣାଇଥିଲେ। ଏହି ଉନ୍ମୋଚନ ଉତ୍ସବରେ ବହୁ ନବାଗତ ଓ ପ୍ରବୀଣ ଲେଖକ ତଥା ଅନୁବାଦକ ଯୋଗ ଦେଇଥିଲେ। 'ଦି ବିଗ୍ ବୁକ୍ ଅଫ୍ ଓଡ଼ିଆ ଲିଟରେଚର' ପେଙ୍ଗୁଇନ ରାଣ୍ଡମ ହାଉସ ଦ୍ୱାରା ପ୍ରକାଶିତ ଭାରତୀୟ ଭାଷା କ୍ଷେତ୍ରରେ ପ୍ରଥମ ପ୍ରକାଶନ ସିରିଜ୍ ।

GOVERNMENT OF ODISHA
OFFICE OF THE EXECUTIVE ENGINEER,
PUBLIC HEALTH DIVISION, RAYAGADA.
e-mail:-eephd.rgda.od@nic.in
eephdrgda@gmail.com
C-180

1st CORRIGENDUM NOTICE OF BID IDENTIFICATION NO. -01 /2024-25 DT.10.06.2024.

The Bid identification No EEPHDRAYAGADA-01/2024-25 Dt. 10.06.2024 which was published in "New Indian Express" "Indian Express" "Sambad" & "Sambad Kalika" on dt. 13.06.2024 may be modified for the Column No. 02 (Name of the work) **"Improvement of Water Supply to Seriguda area of Rayagada Municipality".** And Column no 04 (Estimate cost) where **"268.14"** Lakh may be read as **"240.68"** Lakh and all other items shall remain unchanged.

Sd/- EXECUTIVE ENGINEER
P.H. DIVISION, RAYAGADA
OIPR-13052/11/0004/2425

OFFICE OF THE SUPERINTENDING ENGINEER,
MINOR IRRIGATION DIVISION, DHENKANAL
No. 2085 I Dt. 07.07.2024
A-136

**Corrigendum No. 01 of TCN No. 02 of 24-25**
**Cancellation of Tender**
e-mail ID: eemidkl@yahoo.co.in

Tender had invited online percentage rate through "e" procurement for the works vide Bid Identification No - DMID / 02 / 2024-25 of letter No.2025 dated 30.06.2024 is hereby cancelled due to unavoidable reasons.

Sd/- Superintending Engineer,
M.I. Division, Dhenkanal.
OIPR-32027/11/0006/2425

# ବିରାଟଙ୍କ ପବ୍ ବିରୋଧରେ ରୁଜୁ ହେଲା ମାମଲା

**ବେଙ୍ଗାଲୁରୁ:**

ନିର୍ଦ୍ଧାରିତ ସମୟଠାରୁ ଅଧିକ ସମୟ ଋଲୁଥିବା ଅଭିଯୋଗରେ ବେଙ୍ଗାଲୁରୁ ପୁଲିସ ଏମ୍‌ଜି ରୋଡ୍‌ରେ କ୍ରିକେଟ୍ ତାରକା ବିରାଟ କୋହଲିଙ୍କ ନାମରେ ଥିବା ୱାନ୍୮ କମ୍ୟୁନ୍ ପବ୍ ବିରୋଧରେ ଏଫ୍‌ଆଇଆର ପଞ୍ଜିକରଣ କରିଛି। ଡିସିପି ସେଣ୍ଟ୍ରାଲ ଅନୁଯାୟୀ, ପବ୍‌ଗୁଡ଼ିକୁ ରାତି ୧ଟା ପର୍ଯ୍ୟନ୍ତ ଖୋଲିବାର ଅନୁମତି ରହିଥିବା ବେଳେ ଏହା ୧.୩୦ ପର୍ଯ୍ୟନ୍ତ ଖୋଲା ରହିଥିଲା। ବିଳମ୍ବିତ ରାତିରେ ଉକ୍ତ ଅଞ୍ଚଳରେ ଉଚ୍ଚ ସ୍ୱରରେ ବଜାଯାଉଥିବା ଅଭିଯୋଗ ହେବା



ପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଚିନ୍ନାସ୍ୱାମୀ କ୍ରିକେଟ ଷ୍ଟାଡ଼ିୟମ ନିକଟରେ ଅବସ୍ଥିତ ୱାନ୍୮ କମ୍ୟୁନ୍ ପବ୍, ନିୟମ ଉଲ୍ଲଂଘନ ପାଇଁ ବୁକ୍ ହୋଇଥିବା ପବ୍ ମଧ୍ୟରେ ରହିଛି। ପବ୍ ବିରୋଧରେ ରାତିରେ ଉଚ୍ଚ ସ୍ୱରରେ ବଜାଯାଉଥିବା ଅଭିଯୋଗ ହୋଇଛି। ତେବେ ଏହି ମାମଲାକୁ ନେଇ ତଦନ୍ତ ଜାରି ରହିଛି ଏବଂ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ଅଧିକାରୀ କହିଛନ୍ତି। ଦିଲ୍ଲୀ, ମୁମ୍ବାଇ, ପୁଣେ ଏବଂ କୋଲକାତା ଭଳି ଅନ୍ୟ ମେଟ୍ରୋ ସହରରେ ବିରାଟ କୋହଲିଙ୍କର ୱାନ୍୮ କମ୍ୟୁନ୍‌ର ଶାଖା ରହିଛି। ଗତ ବର୍ଷ ଡିସେମ୍ବରରେ ବେଙ୍ଗାଲୁରୁ ଶାଖା ଆରମ୍ଭ କରାଯାଇଥିଲା। ଏହା ରାତ୍ନ କମ୍ପ୍ଲେକ୍ସର ଷଷ୍ଠ ମହଲାରେ ଅବସ୍ଥିତ। ଗତ ବର୍ଷ ତାମିଲନାଡୁର ଜଣେ ବ୍ୟକ୍ତି ଏକ୍ସରେ ଏକ ଭିଡିଓ ପୋଷ୍ଟ କରି କହିଥିଲେ ଯେ ତାଙ୍କୁ ତାଙ୍କ ପୋଷାକ ପାଇଁ ବିରାଟଙ୍କ ପବ୍‌ର ମୁମ୍ବାଇ ଶାଖାରେ ପ୍ରବେଶ କରିବାକୁ ଦିଆଯାଇନଥିଲା, ଯାହାକୁ ନେଇ ବିବାଦ ଉପୁଜିଥିଲା।

# ରାଜ୍ୟରେ ଧାନ ସଂଗ୍ରହକୁ ତ୍ରୁଟିଶୂନ୍ୟ କରାଯିବ : ଧ୍ୟାନ ଦେବେ ଅଧିକାରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ କରାଯିବ, ଯାହା ଖରିଫ୍ ଋତୁରୁ ଲାଗୁ କରାଯିବ। ବିଶେଷ କରି ଧାନ ସଂଗ୍ରହ ସମୟରେ ଚାଷୀମାନେ ଯେମିତି ଅଯଥା କଟୁନି ଛଟିରୁ ମୁକ୍ତି ପାଇବେ, ସେଥିପ୍ରତି ଧ୍ୟାନ ଦେବେ ବିଭାଗୀୟ ଅଧିକାରୀ। ସେହିପରି ଚାଷୀଙ୍କୁ ଖରିଫ୍ ଋତୁରୁ ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କା ଦିଅଯିବ। ମଣ୍ଡିରେ ଧାନ ଦେବାର ୪୮ ଘଣ୍ଟାରେ ଏହି ଅର୍ଥ ମିଳିପାରିବ। ଚାଷୀ ଘରେ ବସି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଯୋଜନାରେ ଏହି ଅର୍ଥ ପାଇପାରିବ। ତେବେ ଏହି ସବୁ କାର୍ଯ୍ୟ ଯେମିତି ସୁରୁଖୁରୁରେ ହୋଇପାରିବ, ସେ ବାବଦରେ ୩୦ଟି ଜିଲ୍ଲାର ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ଦିଆଯିବ। ମଙ୍ଗଳବାର ଲୋକସେବା ଭବନରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ମାଷ୍ଟର ଟ୍ରେନରମାନଙ୍କୁ ଖରିଫ ଫସଲ ଧାନ ବିକ୍ରି ନେଇ ରାଜ୍ୟ ସ୍ତରୀୟ ପ୍ରଶିକ୍ଷଣ ଦିଆଯାଇଛି। ଜିଲ୍ଲାସ୍ତରର ମାଷ୍ଟର ଟ୍ରେନରମାନେ ତାଲିମ ପାଇବା ପରେ ନିଜ ନିଜ ଜିଲ୍ଲାରେ ଚାଷୀ ଓ କୃଷି ଅଧିକାରୀମାନଙ୍କୁ ତାଲିମ ଦେବେ। ଧାନ ସଂଗ୍ରହ ପାଇଁ କୃଷକ ପଞ୍ଜୀକରଣକୁ ଅଧିକ ଗୁରୁତ୍ୱ ଦିଆଯିବ। ତେବେ ନୂଆ ସରକାର ଚାଷୀଙ୍କ ସ୍ୱାର୍ଥ ପ୍ରତି ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛି। ସେହିପରି ରାଜ୍ୟର ବିଭିନ୍ନ ମଣ୍ଡିରେ ପ୍ୟାଡି କ୍ଲିନର୍ ମେସିନ୍ ଲାଗିବାକୁ ଯୋଜନା ଚାଲିଛି। ଏବେ ସାରା ରାଜ୍ୟରେ ପାଖାପାଖି ୨ଶହ ପ୍ୟାଡି କ୍ଲିନର୍ ମେସିନ୍ ଲାଗିଥିବା ବେଳେ ଆଗାମୀ ଦିନରେ ଏହାକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ସେହିପରି ଖରିଫ୍ ଧାନ ବିକ୍ରି ପାଇଁ ପଞ୍ଜୀକରଣ ବେଳେ କୌଣସି ସମସ୍ୟା ଉପୁଜିଲେ ଚାଷୀମାନେ ଟୋଲ୍ ଫ୍ରି ନମ୍ବରରେ ଯୋଗାଯୋଗ କରିପାରିବେ। ଏ ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ୧୯୬୭ ଟୋଲ୍ ଫ୍ରି ନମ୍ବର ଜାରି କରାଯାଇଛି।

ଭୁବନେଶ୍ୱର
୧୦ ଜୁଲାଇ
ବୁଧବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ରାଜଭବନରେ 'ଗୁରୁମା'-ଛାତ୍ରୀଙ୍କ ଅପୂର୍ବ ମିଳନ





'କଥା କଳିକା'ର ମୁଖ୍ୟ ସଂପାଦିକା, ବିଶିଷ୍ଟ ଅନୁବାଦିକା ତଥା 'ସମ୍ବାଦ କଳିକା'ର ମୁଖ୍ୟ କର୍ଣ୍ଣଧାର ଶ୍ରୀମତୀ ସୁପ୍ରଭା ରାୟ ଗତ ୯ ତାରିଖ ପୂର୍ବାହ୍ନରେ ରାଜଭବନ ଠାରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଥିଲେ। 'ସମ୍ବାଦ କଳିକା'ର ସଂପାଦକ ତଥା ଶ୍ରୀମତୀ ସୁପ୍ରଭା ରାୟଙ୍କ ସୁପୁତ୍ର ଶ୍ରୀ ଜୟାଶୀଷ ରାୟ ଶ୍ରୀମତୀ ରାୟ ଲେଖିଥିବା ୬୫ ଖଣ୍ଡ ବହି ମଧ୍ୟରୁ ୬ ଖଣ୍ଡ ବହି ତାଙ୍କ ହସ୍ତରେ ଅର୍ପଣ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀମତୀ ରାୟ କ୍ୟାପିଟାଲ ଗାର୍ଲସ ହାଇସ୍କୁଲ ୟୁନିଟ-୨ରେ ଶିକ୍ଷୟତ୍ରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତାଙ୍କର ଛାତ୍ରୀ ଥିଲେ। ଏପରିକି ଶ୍ରୀମତୀ ରାୟ ୪ବର୍ଷ ଶ୍ରୀମତୀ ମୁର୍ମୁଙ୍କୁ ଇତିହାସ ଓ ଇଂରାଜୀ ପାଠ ପଢାଇଥିବା ବେଳେ ୨ବର୍ଷ ତାଙ୍କର ଶ୍ରେଣୀ ଶିକ୍ଷୟତ୍ରୀ ଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଶ୍ରୀମତୀ ରାୟଙ୍କୁ ଦେଖି ଆହ୍ଲାଦିତ ହୋଇ ପଡିଥିଲେ। ଅତ୍ୟନ୍ତ ଭାବବିହ୍ୱଳିତ ହୋଇ ଶ୍ରୀମତୀ ମୁର୍ମୁ ଶ୍ରୀମତୀ ରାୟଙ୍କ ଉଦ୍ଦେଶ୍ୟରେ କହିଥିଲେ ମୁଁ ଯେତେବେଳେ ଝାଡଖଣ୍ଡ ରାଜ୍ୟପାଳ ଭାବରେ କ୍ୟାପିଟାଲ ଗାର୍ଲସ ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ଯୋଗଦେଇଥିଲି ଆପଣଙ୍କୁ କାହିଁକି ଦେଖିନଥିଲି। ଆପଣ ଉପସ୍ଥିତ ରହିଥିବା ବିଷୟ ମୋ ବାନ୍ଧବୀମାନେ ମଧ ମୋତେ କହିନଥିଲେ। ଶିକ୍ଷୟତ୍ରୀ ଭାବରେ ତାଙ୍କ ପ୍ରତି ଆଶୀର୍ବାଦ ରହୁ ଓ ସେ ଦେଶ ପାଇଁ କାମ କରନ୍ତୁ। ଆପଣଙ୍କୁ ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ଶ୍ରୀମତୀ ରାୟ ଏହାର ପ୍ରତ୍ୟୁତ୍ତରରେ କହିଲେ ଯେ, ଏଭଳି ମୁହୂର୍ତ୍ତ ମୋର ଶ୍ରେଷ୍ଠ ମୁହୂର୍ତ୍ତ ଏବଂ ଏହାକୁ ମୁଁ ଅପେକ୍ଷା କରିଥିଲି। ସେଠାରେ ଉପସ୍ଥିତ ଅନ୍ୟମାନଙ୍କ ମଧ୍ୟରେ ଏହା ଭାବବିହ୍ୱଳ ପରିସ୍ଥିତି ସୃଷ୍ଟି କରିଥିଲା। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସହିତ ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ ଉପସ୍ଥିତ ଥିଲେ। (ଫଟୋ : ସମ୍ବାଦ କଳିକା)

ରାଜଧାନୀରେ ଚାଞ୍ଚଲ୍ୟ

## ଘର ବାହାରେ ତାଲା, ଭିତରେ ଯୁବତୀଙ୍କ ଝୁଲନ୍ତା ମୃତଦେହ

**ଭୁବନେଶ୍ୱର,୯।୭ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ଏକ ଭଡ଼ା ଘରୁ ସନ୍ଦେହଜନକ ଭାବେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିଆଣି ନିକଟ ଶ୍ରୀରାମନଗର ବସ୍ତି ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୃତ ଯୁବତୀଙ୍କ ନା କଶିସ ଓ ଘର ଉତ୍ତରପ୍ରଦେଶ ବୋଲି ଜଣାପଡ଼ିଛି। ସେଠାରେ ରହୁଥିବା ଲୋକଙ୍କ କହିବା ଅନୁସାରେ, ଉକ୍ତ ଯୁବତୀଙ୍କୁ ଘରୋଇ କେୟାର ଟେକର ଭାବେ ରଖିଥିଲେ। ସୋମବାର ସନ୍ଧ୍ୟାରେ କୌଣସି କାମରେ ପରିବାର ଲୋକ ବାହାରକୁ ଯାଇଥିବା ବେଳେ ଯୁବତୀ ଜଣକ ବେକରେ ଦଉଡି ଦେଇ ଫ୍ୟାନରେ ଝୁଲି ପଡ଼ିଥିଲେ । ଘର ବାହାର ପଟୁ ତାଲା ପଡ଼ିଥିବା ବେଳେ ଭିତରେ ମୃତ ଦେହ ଥିବା ଦେଖି ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ । ପରେ ମଞ୍ଚେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଆସାମରେ ପ୍ରଳୟଙ୍କରୀ ବନ୍ୟା : ଗଲାଣି ୮୫ ଜୀବନ, ଭାସିଗଲେ ଶତାଧିକ ବନ୍ୟଜନ୍ତୁ

**ଗୌହାଟୀ, ୯/୭**
ଆସାମରେ ବଡ଼ ବିପର୍ଯ୍ୟୟ ଆଣିଛି ବନ୍ୟା । ଗାଁ ଗଣ୍ଡାଠୁ ଆରମ୍ଭ କରି ବଣଜଙ୍ଗଲ ସବୁକିଛି ପାଣିରେ ଉବୁଟୁବୁ ହେଉଛି । ବନ୍ୟାରେ ଏବେସୁଦ୍ଧା ୮୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଲାଣି । ୨୭ ଜିଲ୍ଲାର ପ୍ରାୟ ୧୯ ଲକ୍ଷ ଲୋକ ପାଣି ଘେରରେ ରହିଛନ୍ତି । କେବଳ ମଣିଷ କାହିଁକି, ଏହି ଭୟଙ୍କର ବନ୍ୟା ଜୀବଜନ୍ତୁଙ୍କୁ ମଧ ଗୁରୁତର ପ୍ରଭାବିତ କରିଛି। କାଜିରଙ୍ଗା ଜାତୀୟ ଉଦ୍ୟାନରେ ପାଣିରେ ଭାସିଯାଇ ୧୩୭ ବନ୍ୟଜନ୍ତୁଙ୍କ ମୃତ୍ୟୁ ହୋଇଛି। ସେଥିମଧରେ ୬ଟି ଗଣ୍ଡା ରହିଥିବା ସୂଚନା ଦିଆଯାଇଛି। ତେବେ କାଜିରଙ୍ଗା କର୍ତ୍ତୃପକ୍ଷ ୯୯ଟି ବନ୍ୟଜନ୍ତୁଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି । ଏହି ଜନ୍ତୁଙ୍କ ମଧରେ ଦୁଇଟି ଗଣ୍ଡା ଶାବକ ଏବଂ ଦୁଇଟି ହାତୀ ଶାବକ ରହିଛନ୍ତି। ଜାତୀୟ ଉଦ୍ୟାନ ନିର୍ଦ୍ଦେଶିକା



ସୂଚନା ଦେଇଛନ୍ତି, ବନ୍ୟାଜଳରେ ବୁଡି ୧୦୪ଟି ହରିଣ, ୬ଟି ଗଣ୍ଡା ଓ ୨ଟି ସମ୍ବରଙ୍କ ମୃତ୍ୟୁ ହୋଇଛି । ଆଉ ଦୁଇଟି ହରିଣଙ୍କ ଗାଡି ଧକ୍କାରେ ଜୀବନ ଯାଇଥିବାବେଳେ ୨୨ଟି ବନ୍ୟଜନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ସେହିପରି କାଜିରଙ୍ଗାରେ ୨୩୩ ଫରେଷ୍ଟ କ୍ୟାମ୍ପ ଭିତରୁ ୭୦ଟି କ୍ୟାମ୍ପ ପାଣିରେ ବୁଡିରହିଛି । ରାଜ୍ୟରେ ଦିନକୁ ଦିନ ବନ୍ୟା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି । ଏବେସୁଦ୍ଧା ୮୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଲକ୍ଷ ଲକ୍ଷ ଲୋକେ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ବିଶେଷକରି ଗୋଲପାରା, ନଗାଓଁ, ନାଲବରି, କାମରୁପ, ମାରିଗାଁ, ଦିବ୍ରୁଗଡ, ସୋନିତପୁର, ଲକ୍ଷ୍ମୀପୁର, ଦକ୍ଷିଣ ସାଲମାରା, ଧୁବ୍ରି, ଜୋରହଟ, ହୋଜାଇ, କରିମଗଞ୍ଜ, ଶିବସାଗର, ବାରପେଟା, ଢେମାଜୀ, ଗୋଲାଘାଟ, ତିନସୁଖିଆ, ଚିରାଙ୍ଗ ପ୍ରଭୃତି ଜିଲ୍ଲା ବନ୍ୟାରେ ଗୁରୁତର ପ୍ରଭାବିତ ହୋଇଛି । ବନ୍ୟାରେ ଏକାଧିକ ଭିତ୍ତିଭୂମି ସହ ରାସ୍ତାଘାଟ, ହେକ୍ଟର ହେକ୍ଟର ଫସଲ କ୍ଷୟକ୍ଷତି ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ଧନଜୀବନ ରକ୍ଷା ପାଇଁ ଏନଡିଆରଏଫ, ଏସଡିଆରଏଫ, ଅଗ୍ନିଶମ ଏବଂ ସ୍ଥାନୀୟ ପ୍ରଶାସନ ସେନା ଓ ଅର୍ଦ୍ଧସାମରିକ ବାହିନୀ ସହ ମିଳିତ ଭାବେ ଉଦ୍ଧାର କାର୍ଯ୍ୟରେ ଲାଗି ପଡିଛନ୍ତି।

## ରସୁଲଗଡରେ ମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଅଟକାଇଲେ ମହିଳା




**ଭୁବନେଶ୍ୱର, ୭।୯ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱରରେ ରାସ୍ତା ମଝିରେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ଅଟକାଇଛନ୍ତି ଜଣେ ମହିଳା। ରସୁଲଗଡ ଛକ ଦେଇ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍ ଯାଉଥିବା ବେଳେ ମହିଳା ଜଣକ ପ୍ରତିବାଦ କରିଥିଲେ। ତେବେ ପ୍ରତିବାଦ କରିଥିବା ମହିଳାଙ୍କ ପରିଚୟ ମିଳିନଥିବା ବେଳେ କ'ଣ ପାଇଁ କାରକେଡ୍‌କୁ ପଶି ଆସିଲେ, ତାହା ଜଣାପଡ଼ି ନାହିଁ। ପୁଲିସ୍ ମହିଳାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଏସ୍ଏସ୍ ନଗରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଫେରୁଥିବା ବେଳେ ରସୁଲଗଡ଼ ଓଭବ୍ରିଜ୍ ତଳେ ମୁଖ୍ୟମନ୍ତ୍ରୀଙ୍କ କାରକେଡ୍‌କୁ ପଶି ଆସିଥିଲେ ଜଣେ ମହିଳା। ଓଭରବ୍ରିଜ୍ ତଳେ ମହିଳା ଜଣକ ପାଇଲଟିଂ କାର୍ ଆଗକୁ ପଳାଇ ଆସିଥିଲେ। ପୁଲିସ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ହେଲେ ମହିଳା ଜଣକ ପୁଲିସ୍ କର୍ମଚାରୀଙ୍କ ସହିତ ଠେଲାପେଲା କରିଥିଲେ।

## ମୋତିପ୍ରକାଶ ରଥ କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍‌ର ଭାଇସ୍ ପ୍ରେସିଡେଣ୍ଟ ନିଯୁକ୍ତ



**ଭୁବନେଶ୍ୱର, ୯/୭ ନ୍ୟୁଜ ବ୍ୟୁରୋ**
ମୋତିପ୍ରକାଶ ରଥଙ୍କୁ କଲ୍ୟାଣୀ ଷ୍ଟିଲ ଲିମିଟେଡ୍ (କେଏସ୍ଏଲ୍)ର ଭାଇସ୍ ପ୍ରେସିଡେଣ୍ଟ (କର୍ପୋରେଟ୍ ଆଫାୟାର୍ସ) ଭାବେ ନିଯୁକ୍ତି ଦିଆଯାଇଥିବା ନେଇ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। କର୍ପୋରେଟ ବ୍ୟାପାର ଏବଂ କର୍ପୋରେଟ୍ କମ୍ୟୁନିକେସନ କ୍ଷେତ୍ରରେ ଶ୍ରୀ ରଥଙ୍କର ଦୀର୍ଘ ୩ ଦଶନ୍ଧି ଧରି କାର୍ଯ୍ୟକରିବାର ଉଲ୍ଲେଖନୀୟ ଅଭିଜ୍ଞତା ରହିଛି। ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଶିଳ୍ପ ସଂସ୍ଥା 'ଇମ୍ଫା' ଠାରୁ ଆରମ୍ଭ କରି ଆଦାନୀ ଏଣ୍ଟପ୍ରାଇଜ୍ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ୟୋଗରେ ଶ୍ରୀରଥ କର୍ପୋରେଟ୍ ଆଫାୟାର୍ସ, ସିଏସ୍ଆର, ଲ୍ୟାଣ୍ଡ ଆକ୍ୟୁଜେସନ ଏବଂ କର୍ପୋରେଟ୍ କମ୍ୟୁନିକେସନ ଆଦି କ୍ଷେତ୍ରରେ ଅନେକ ଗୁରୁତର ସମସ୍ୟାକୁ ଦକ୍ଷତାର ସହ ପରିଚାଳନା କରିଛନ୍ତି। ଶ୍ରୀ ରଥଙ୍କ ନେତୃତ୍ୱରେ କଲ୍ୟାଣୀ ଷ୍ଟିଲ୍ ତା'ର ପରିଚାଳନା ଗତ ଉତ୍କର୍ଷତା ପ୍ରଦର୍ଶନକୁ ଆଗକୁ ନେବା ସହିତ ନୂତନ ସୋପାନରେ ପହଞ୍ଚି ପାରିବ ବୋଲି କମ୍ପାନୀ ଆଶା ରଖିଛି। ଏହାଛଡା ପ୍ରକଳ୍ପର କାର୍ଯ୍ୟକାରିତା, ଉପଭୋକ୍ତାଙ୍କର ସନ୍ତୁଷ୍ଟି ଏବଂ ସିଏସ୍ଆର କାର୍ଯ୍ୟକ୍ରମକୁ ଠିକଣା ଭାବେ କାର୍ଯ୍ୟକାରୀ କରାଯାଇପାରିବ। ନୂତନ ନିଯୁକ୍ତି ସଂପର୍କରେ ଶ୍ରୀ ରଥ କହିଛନ୍ତି ଏହି ସମ୍ମାନଜନକ ପ୍ରକଳ୍ପକୁ ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାର ଚ୍ୟାଲେଞ୍ଜକୁ ସେ ଗ୍ରହଣ କରିଛନ୍ତି ଏବଂ 'ଆତ୍ମନିର୍ଭର ଭାରତ'ର ସହଯୋଗୀଭାବେ କାମ କରି ଉତ୍ପାଦନକୁ ଅଧିକ ମୂଲ୍ୟଯୁକ୍ତ କରାଇବା ଏବଂ ସମସ୍ତ ଉପଭୋକ୍ତାଙ୍କର ସାମାଜିକ-ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମକୁ ପ୍ରାଥମିକତା ଦେବେ।
ଏଠାରେ ସୂଚନାଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲାରେ ଗଜମରା ଠାରେ ୧୧,୭୫୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୦.୭ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ଆଡଭାନ୍ସ ସ୍ପେସାଲିଟି ଷ୍ଟିଲ୍ ଆଣ୍ଡ ଅଟୋମୋଟିଭ୍ କମ୍ପୋନେଣ୍ଟସ୍ ମାନ୍ୟୁଫାକ୍ଚରିଂ କମ୍ପ୍ଲେକ୍ସ ଏବଂ ବାର୍ଷିକ ୧୦ହଜାର ଟନ୍ କ୍ଷମତା ବିଶିଷ୍ଟ (ପ୍ରଥମ ପର୍ଯ୍ୟାୟ) ଇଣ୍ଟିଗ୍ରେଟେଡ୍ ଟିଟାନିୟମ ମେଟାଲ୍ / ଆଲଏଜ୍, ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ କମ୍ପୋନେଣ୍ଟସ୍ ମାନ୍ୟୁଫାକ୍ଚରିଂ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି କଲ୍ୟାଣୀ ଷ୍ଟିଲ୍ ଲିମିଟେଡ୍ ଓଡ଼ିଶା ସରକାରଙ୍କ ସହ ଏମ୍ଓୟୁ କରିଛି। ବାବା ସାହେବ୍ ନୀଲକାନ୍ତ କଲ୍ୟାଣୀଙ୍କ ଦ୍ୱାରା ପ୍ରତିଷ୍ଠିତ କଲ୍ୟାଣୀ ଗ୍ରୁପ୍ ୧୯୭୩ ମସିହାରୁ ଅଟୋମୋବାଇଲ୍, ବିୟରିଂ, ଏନର୍ଜି, ଅଏଲ୍ ଆଣ୍ଡ ଗ୍ୟାସ୍, ରେଲ୍‌ୱେ, ଡିଫେନ୍ସ ଇଣ୍ଡଷ୍ଟ୍ରି ଆଦିରେ ବ୍ୟବହୃତ ଫର୍ଜ ଆଣ୍ଡ ଇଞ୍ଜିନିୟରିଂ କ୍ୱାଲିଟି କାର୍ବନ ଏବଂ ଆଲଏଜ୍ ଷ୍ଟିଲ୍ ଉତ୍ପାଦନ କରିଆସୁଛି।

## ଶୃଙ୍ଖଳିତ ରଥଯାତ୍ରା ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଲେ ଆଇନ ମନ୍ତ୍ରୀ

**ଭୁବନେଶ୍ୱର,୯/୭ ନ୍ୟୁଜ ବ୍ୟୁରୋ**
ପୁରୀଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଓ ଏଥି ସମ୍ପର୍କିତ ସମସ୍ତ ନୀତିକାନ୍ତି ସୁରୁଖୁରୁରେ ସମ୍ପନ୍ନ ହୋଇଛି। ଏଥି ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମସ୍ତ ସେବାୟତ, ସେବାୟତ ନିଯୋଗର ପ୍ରତିନିଧିଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥି ସହିତ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ, ରାଜ୍ୟ ଆରକ୍ଷୀ ବାହିନୀ, ସ୍ୱେଚ୍ଛାସେବୀ ସଂଗଠନ, ସଫେଇ କର୍ମଚାରୀ, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମର ପ୍ରତିନିଧିବୃନ୍ଦ, ଅଗଣିତ ଭକ୍ତ, ଶ୍ରଦ୍ଧାଳୁ ଏବଂ ସମସ୍ତ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି ।ବହୁବର୍ଷ ପରେ ଚଳିତ ବର୍ଷ ରଥଯାତ୍ରା ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଠାରୁ ଆରମ୍ଭ କରି ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କ ସୁବିଧା ତଥା ବିଭିନ୍ନ ସେବା ଯୋଗାଇବା ନିମନ୍ତେ ରାଜ୍ୟ ସରକାର ବ୍ୟାପକ ଆୟୋଜନ କରିଥିଲେ । ବିଭିନ୍ନ ସେବା ଓ କାର୍ଯ୍ୟରେ ନିୟୋଜିତ ସଂପୃକ୍ତ ସମସ୍ତଙ୍କୁ ନିରନ୍ତର କାର୍ଯ୍ୟ କରିବାକୁ ପଡ଼ିଥିଲା। ଧୈର୍ଯ୍ୟ ଓ ନିଷ୍ଠାର ସହ ନିଜ ନିଜର ଦାୟିତ୍ୱ ନିର୍ବାହ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ସଫଳ କରିବାରେ ସହଯୋଗ ପ୍ରଦାନ କରିଥିବା ସମସ୍ତଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଧନ୍ୟବାଦ ଜଣାଇଛନ୍ତି।

## ଓଡ଼ିଶାରେ କାମ କରିବାକୁ ହେଲେ ଓଡ଼ିଆ ଶିଖିବାକୁ ପଡ଼ିବ : ମନ୍ତ୍ରୀ

**ଭୁବନେଶ୍ୱର, ୯/୭ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ସ୍ଥିତି ଓ-ହବ୍ ବିଲଡିଂରେ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ଓଡ଼ିଆ ଉଦ୍ୟୋଗୀଙ୍କୁ ଷ୍ଟାର୍ଟ ଅପ୍ ପାଇଁ ଜାଗା ଯୋଗାଇ ଦେବାରେ ପୂର୍ବ ବିଜେଡି ସରକାର ଅଣଦେଖା କରିଥିବା ନେଇ ଅଭିଯୋଗ ହୋଇଥିଲା । ଏନେଇ ଖବର ପ୍ରସାରଣ ହୋଇଥିଲା । ଏହାପରେ ମନ୍ତ୍ରୀ ଓ-ହବରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ କାମ କରିବାକୁ ହେଲେ ଓଡ଼ିଆ ଭାଷା ଶିଖିବାକୁ ପଡ଼ିବ । ଗାଁ ଗହଳିର ଲୋକେ ହିନ୍ଦୀ ବୁଝନ୍ତିନି । ସମସ୍ତଙ୍କ ପାଇଁ ଓଡ଼ିଆ ହିଁ ଠିକ୍ । ଏଣୁ ଓଡ଼ିଆ ଶିଖନ୍ତୁ ବୋଲି ସ୍ଥାନୀୟ ଅଧିକାରୀଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି ମନ୍ତ୍ରୀ । ସେପଟେ ରାଜ୍ୟର ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଭୁବନେଶ୍ୱର ଇନଫୋସିଟି-୨ କ୍ୟାମ୍ପସରେ ୨୦୨୧ରେ ଉଦ୍‌ଘାଟିତ ହୋଇଥିଲା ବହୁତଳ ବିଶିଷ୍ଟ ଓ-ହବ୍ ବିଲ୍ଡିଂ । ଉଦ୍ଦେଶ୍ୟ ଥିଲା, ରାଜ୍ୟର ଯୁବ ଉଦ୍ୟୋଗୀଙ୍କୁ ଷ୍ଟାର୍ଟଅପ୍ ପାଇଁ ଏଠାରେ ରିହାତି ଦରରେ ଅଫିସ ପାଇଁ ଜାଗା ଯୋଗାଇଦେବା । ହେଲେ ଓଡ଼ିଆ ଉଦ୍ୟୋଗୀଙ୍କ ବଦଳରେ ଏହି ବିଲ୍ଡିଂରେ ଅଫିସ ପାଇଁ ଏମ୍ଏନ୍‌ସିଙ୍କୁ ଜାଗା ଯୋଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି । ଏହାପରେ ଗ୍ରାଉଣ୍ଡରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ବିଜେଡି ସରକାରରେ ଅଣଦେଖାର ଶିକାର ହେଉଥିଲେ ଯୁବ ଓଡ଼ିଆ ଉଦ୍ୟୋଗୀ । ଓଡ଼ିଆ ଷ୍ଟାର୍ଟଅପଙ୍କୁ ପ୍ରୋତ୍ସାହନ ବଦଳରେ ଅଣ-ଓଡ଼ିଆ ଏମ୍ଏନ୍‌ସିଙ୍କୁ ପୂର୍ବ ସରକାର ଦେଖାଉଥିଲେ ଅହେତୁକ ଅନୁକମ୍ପା । ଷ୍ଟାଟଅପ୍ ଓଡ଼ିଶା ଅଧ୍ୟକ୍ଷ ପଦରେ ଜଣେ ଅନଭିଜ୍ଞ ଅଣ ଓଡ଼ିଆଙ୍କୁ ବସାଇ ଏଭଳି ଓଡ଼ିଶାର ଯୁବ ଉଦ୍ୟୋଗୀଙ୍କୁ ହତାଶ କରାଯାଇଛି । କୋଟି କୋଟି ଟଙ୍କା ବ୍ୟୟରେ ଷ୍ଟାର୍ଟଅପ୍ ପାଇଁ ତିଆରି ହୋଇଥିବା ଓ-ହବ ବିଲ୍ଡିଂ ରେ ହୋଇଥିଲା ଚଞ୍ଚକତା। ଯାଜପୁର ଜିଲ୍ଲାର ଯୁବ ଶିଳ୍ପଦ୍ୟୋଗୀ ସୁବ୍ରତ କର ୨୦୨୩ରେ ନିଜ ଷ୍ଟାର୍ଟଅପ୍ ମୋଟର ଫ୍ଲୋର୍ ଡଟ୍ କମ୍ ପାଇଁ ଷ୍ଟାର୍ଟଅପ ଓଡ଼ିଶା ଦ୍ୱାରା ନିର୍ମିତ ଓ-ହବ୍ ବିଲଡିଂରେ ଜାଗା ମାଗିଥିଲେ । ହେଲେ ବିଭିନ୍ନ ଆଳ



ଦେଖାଇ ଷ୍ଟାର୍ଟଅପ୍ ଓଡ଼ିଶା କର୍ତ୍ତୃପକ୍ଷ ତାଙ୍କୁ ଜାଗା ଯୋଗାଇ ଦେଇ ନଥିଲେ । ଅପରପକ୍ଷେ ଆଶ୍ଚର୍ଯ୍ୟଜନକ ଭାବେ କିନ୍ତୁ ଆଇବିଏମ୍ ଓ ଇଆଣ୍ଡ ୱାଇ ଭଳି ବହୁରାଷ୍ଟ୍ରୀୟ କମ୍ପାନିକୁ ବିଲଡିଂର ଏକ ବଡ଼ ଅଂଶକୁ ଟେକି ଦିଆ ଯାଇଥିଲା । ଓ-ହବ୍ ବିଲ୍ଡିଂରେ ୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୪ ଲକ୍ଷ ବର୍ଗଫୁଟ୍ ଜାଗା ରହିଛି । ଉଦ୍ଦେଶ୍ୟ ଥିଲା, ରାଜ୍ୟର ଯୁବ ଉଦ୍ୟୋଗୀଙ୍କୁ ଷ୍ଟାର୍ଟଅପ୍ ପାଇଁ ଏଠାରେ ରିହାତି ଦରରେ ଅଫିସ ପାଇଁ ଜାଗା ଯୋଗାଇଦେବା। ହେଲେ ଓଡ଼ିଆ ଉଦ୍ୟୋଗୀଙ୍କ ବଦଳରେ ଏହି ବିଲ୍ଡିଂରେ ଅଫିସ ପାଇଁ ଏମ୍ଏନ୍‌ସିଙ୍କୁ ଜାଗା ଯୋଗାଇ ଦିଆଯାଇଛି । ଏମିତିକି ଷ୍ଟାର୍ଟଅପ୍ ଓଡ଼ିଶା ଏମ୍ଏସ୍ଏମ୍ଇ ବିଭାଗ ଅଧୀନରେ ରହିଥିଲେ ମଧ ତତ୍କାଳୀନ ଆଇଟି ସଚିବ ମନୋଜ ମିଶ୍ର ସତେ ଯେମିତି ଏହାକୁ ନିଜର ବିଲ୍ଡିଂ ଭାବି ବିଦେଶୀ କମ୍ପାନିଙ୍କୁ ଟେକି ଦେଇଥିବା ଅଭିଯୋଗ ଉଠିଛି । କେବଳ ସେତିକି ନୁହେଁ, ଷ୍ଟାର୍ଟଅପ୍ ଉପରେ କୌଣସି ଜ୍ଞାନ ନ ଥିବା ଏସ୍‌ଟିପିଆଇର ପୂର୍ବତନ ମହାନିର୍ଦ୍ଦେଶକ ଓମ୍‌କାର ରାଏଙ୍କୁ ଅବସର ପରେ ଅହେତୁକ ଅନୁକମ୍ପା ଦେଖାଇ ଏହାର ଅଧ୍ୟକ୍ଷ ପଦବୀରେ ବସାଇଥିଲେ ପୂର୍ବର ବିଜେଡି ସରକାର। ଏମିତିକି ତାଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟାର ଦରମା-ଭତ୍ତା ଓ ସବୁ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି ।



## ବଂଶଧାରା ନଦୀ ସ୍ରୋତରେ ଲୀନ ହେଲା ପାଞ୍ଚ ଶହ ଏକରରୁ ଅଧିକ ଚାଷ ଜମି

**ଭୁବନେଶ୍ୱର, ୯/୭**
**ନ୍ୟୁଜ ବ୍ୟୁରୋ**
ବଂଶଧାରା ନଦୀଜଳ ସ୍ରୋତରେ କ୍ଷୟ ହେବାରେ ଲାଗିଛି ଅନେକ ଚାଷ ଜମି। ଚାଷ କରିବାକୁ ଆଉ ଦେଖାଯାଉନାହିଁ ଜମି । ଶହ ଶହ ଏକର ଚାଷଜମି କ୍ଷୟ ପାଇଲାଣି । ଜମିର ପରିମାଣ କେବଳ ଜମି ପଟ୍ଟାରେ ସୀମିତ ରହିଛି । ଯାହାକୁ ନେଇ ଚିନ୍ତାରେ ଭାରାକ୍ରାନ୍ତ କାଶୀନଗର ବ୍ଲକ ବଂଶଧାରା ନଦୀ ଉପକୂଳର ଅନେକ ଗାଁ ଲୋକେ।
ଧୀରେ ଧୀରେ ଉଭେଇ ଯାଉଛି ଚାଷଜମି। ଚାଷ କରିବାକୁ ଆଉ ଦେଖାଯାଉନାହିଁ ଜମି । ବଂଶଧାରା ନଦୀ ସ୍ରୋତରେ ଲୀନ ହେଲାଣି ପାଞ୍ଚ ଶହ ଏକରରୁ ଅଧିକ ଚାଷ ଜମି । କାଶୀନଗର ସହର ଓ କିଡିଗାଁ ସମେତ ଖାଣ୍ଡବା ପଞ୍ଚାୟତର ପାଲସିଂ, ଖାଣ୍ଡବା, ସାରା, ବାଡିଗାଁ, ପୁରୁତିଗୁଡା ଏବଂ ବୁଦୁରା ପଞ୍ଚାୟତର ଗୌରୀ, ଭାନ୍ନା, କିତିଙ୍ଗି ଭଳି ଗାଁ ବଂଶଧାରା ନଦୀ କୂଳରେ ଅବସ୍ଥିତ। ନଦୀର ଗତିପଥ ପରିବର୍ତ୍ତନ ଫଳରେ ଖରସ୍ରୋତ ଯୋଗୁଁ ଏହି ସବୁ ଗାଁ ପଟ କୂଳ ଖାଇବାରେ ଲାଗିଛି । ପ୍ରତି ବର୍ଷ ନଦୀରେ ବନ୍ୟା ଆସିଲେ ୨୦ ରୁ ୩୦ ଫୁଟ କୂଳ ଲଂଘି ନଦୀରେ ଲୀନ ହୋଇ କ୍ଷୟ ଯାଉଛି ଚାଷଜମି। ପ୍ରକୃତିର କୋପରେ କ୍ଷତିଗ୍ରସ୍ତ ହେଉଛନ୍ତି ଚାଷୀ । କମିବାରେ ଲାଗିଛି କୃଷି ଉତ୍ପାଦନ । ଯାହାକୁ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଚାଷୀକୂଳ। ଅନ୍ୟ ପଟେ ନଦୀ ଆରପଟ ଆନ୍ଧ୍ର ପକ୍ଷରୁ ସ୍ଥାନେ ସ୍ଥାନେ ଆଡ଼ିବନ୍ଧ ନିର୍ମାଣ କରୁଥିବାରୁ ଜଳସ୍ରୋତ ଓଡ଼ିଶା ମୁହାଁ ହୋଇଥିବା ଅଭିଯୋଗ ହୋଇଛି।
ନଦୀ ଉପକୂଳର ଚାଷୀଙ୍କ ଜମି ପରିମାଣ ଜମି ପଟ୍ଟାରେ ହିଁ ସୀମିତ ରହିଛି। ପଟ୍ଟାର ସରହଦ ଅନୁସାରେ ଜମି ଦେଖାଯାଉନାହିଁ। ସଙ୍କୁଚିତ ହୋଇଯାଇଛି ଜମି ପରିମାଣ। ବଂଶଧାରା ନଦୀ ସ୍ରୋତରେ ହଜିଗଲାଣି ପାଞ୍ଚଶହ ଏକରରୁ ଅଧିକ ଜମି । ଯାହା ଚିନ୍ତାର ବିଷୟ ପାଲଟିଛି। କାଶୀନଗର ତହସିଲର



ନଥିପତ୍ରକୁ ନଜର ପକେଇଲେ ଚକିତ କରୁଛି ପ୍ରକୃତ ସ୍ଥିତି। ଗୋଟିଏ ଉଦାହରଣ ଯଥେଷ୍ଟ । ଓଡ଼ିଶା ସୀମାର କାଶୀନଗର ଅନ୍ତର୍ଗତ ଆଭିଲାମା ମୌଜାର ଅନେକ ପଦର ଜମି ନଦୀ ଆରପଟ ଅର୍ଥାତ୍ ଆନ୍ଧ୍ର ପରିସୀମାରେ ରହିଛି। ଏ ସଂପର୍କରେ ଜାଣିବା ପରେ ୨୦୦୩ରେ ଦିବଙ୍ଗତ ପାରଳାଖେମୁଣ୍ଡି ବିଧାୟକ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ନିଜ ଅଧିକାରକୁ ଆଣି ଆମ୍ବ କାଜୁ ଓ ବିଭିନ୍ନ ବୃକ୍ଷ ରୋପଣ କରିଥିଲେ ପଟ୍ଟାଧାରୀ। କିନ୍ତୁ ଦୀର୍ଘ ବର୍ଷ ଧରି ଏଠାରେ ଜଙ୍ଗଲୀ ହାତୀଙ୍କ ଆଡ୍ଡାସ୍ଥଳୀ ପୁଣି ନଦୀ ପାର ହୋଇ ଜମି ଚାଷ କରିବା କଷ୍ଟକର ହେଉଥିବାରୁ କାଳକ୍ରମେ ଏହା ଆନ୍ଧ୍ରର କବଜାକୁ ଚାଲିଯାଇଛି । ତେବେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନ୍ୟତ୍ର ଚାଷ ଜମି ଯୋଗାଇବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ହସ୍ତକ୍ଷେପ କରିବାକୁ ଦାବି ହୋଇଛି।



## ସାଧାରଣ ରେଳଯାତ୍ରୀଙ୍କ ପାଇଁ ୧୦ ହଜାର ନନ୍-ଏସି କୋଚ୍ ନିର୍ମାଣ ହେବ

ଭୁବନେଶ୍ୱର,୯।୭
ସାଧାରଣ ରେଳଯାତ୍ରୀଙ୍କ ସୁବିଧା ପାଇଁ ଭାରତୀୟ ରେଳପଥ ଆସନ୍ତା ଦୁଇ ଆର୍ଥିକ ବର୍ଷ ୨୦୨୪-୨୫ ଓ ୨୦୨୫-୨୬ରେ ୧୦ ହଜାର ନନ୍-ଏସି କୋଚ୍ ନିର୍ମାଣ କରିବାକୁ ଯୋଜନା କରିଛି। ଫଳରେ ନନ୍-ଏସି କୋଚ୍ ସଂଖ୍ୟାରେ ୨୨% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେବେ ୨୦୨୪-୨୫ରେ ମୋଟ ୨,୬୦୫ ଜେନେରାଲ କୋଚ୍, ୧,୪୭୦ ନନ୍-ଏସି ସ୍ଲିପର କୋଚ୍, ୩୨୩ ସିଟିଂ କମ୍ ଲଗେଜ୍ ର୍ୟାକ୍ (ଏସ୍ଏଲ୍ଆର) କୋଚ୍, ୩୨ ଉଚ୍ଚ କ୍ଷମତାସମ୍ପନ୍ନ ପାର୍ସଲ ଭ୍ୟାନ ଏବଂ ୫୫ ପାଣ୍ଟ୍ରି କାର ନିର୍ମାଣ ଲକ୍ଷ୍ୟ ରହିଛି। ସେହିପରି ୨୦୨୫-୨୬ରେ ନିର୍ମାଣ ହେବାକୁ ଥିବା କୋଚ୍ ମଧ୍ୟରେ ୨,୭୧୦ ସାଧାରଣ କୋଚ, ୧,୯୧୦ ନନ୍-ଏସି ସ୍ଲିପର କୋଚ୍, ୫୧୪ ଏସ୍ଏଲ୍ଆର କୋଚ୍, ୨୦୦ ଉଚ୍ଚ କ୍ଷମତାସମ୍ପନ୍ନ ପାର୍ସଲ ଭ୍ୟାନ୍ ଏବଂ ୧୧୦ ପାଣ୍ଟ୍ରି କାର ରହିଛି। ଯାତ୍ରୀଙ୍କ ଆରାମଦାୟକ ଯାତ୍ରାକୁ ଦୃଷ୍ଟିରେ ରଖି ଜେନେରାଲ, ସ୍ଲିପର ଏବଂ ଏସ୍ଏଲ୍ଆର କୋଚ ପାଇଁ ଅମୃତ ଭାରତ ସିରିଜ ଉପରେ ଗୁରୁତ୍ୱ ଦିଆଯାଉଛି। ନନ୍-ଏସି କୋଚରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ଉନ୍ନତ ସୁବିଧା ପ୍ରଦାନ ଲାଗି ରେଳ ମନ୍ତ୍ରଣାଳୟ ଯୋଜନା କରୁଥିବା ସୂଚନା ରହିଛି।

## କଟକିଆଙ୍କୁ ଛାନିଆ କଲାଣି ଡେଙ୍ଗୁ : ମୁକାବିଲା ପାଇଁ ଏସସିବି ପ୍ରସ୍ତୁତ

**କଟକ, ୦୯/୦୭ ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ପରେ ଏବେ କଟକିଆଙ୍କୁ ଡରାଇଲାଣି ଡେଙ୍ଗୁ । ଚଳିତ ବର୍ଷ ଏବେ ସୁଦ୍ଧା ୧୨ ରୋଗୀ ଚିହ୍ନଟ ହେବା ପରେ ଛାନିଆ ଲୋକେ । ଗତ ବର୍ଷ ଡେଙ୍ଗୁର ହଟ୍‌ସ୍ପଟ ପାଲଟିଥିବା ସିଡିଏ ଓ ଜଗତପୁର ଶିଳ୍ପାଞ୍ଚଳ ଭଳି ହଟ୍‌ସ୍ପଟ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘରକୁ ଘର ବୁଲି ଯାଞ୍ଚ କରିଛି। ସହରର ବଣବୁଦା ସଫା ସହ ବର୍ଜ୍ୟବସ୍ତୁ ପରିଚାଳନାକୁ ତ୍ୱରାନ୍ୱିତ କରାଯାଇଛି । ଏଡିସ ମଶା ନର୍ଦ୍ଦମା ଜଳରେ ଅଣ୍ଡା ଦିଏ ନାହିଁ। ବିଭିନ୍ନ ସ୍ଥାନରେ ଓ ପାତ୍ରରେ ଜମା ହେଉଥିବା ସ୍ୱଚ୍ଛ ପାଣିରେ ଡେଙ୍ଗୁ ମଶା ଅଣ୍ଡା ଦେଇଥାଏ। ଏହି ଅଣ୍ଡାରୁ ସାତରୁ ଆଠ ଦିନ ଭିତରେ ମଶା ହୋଇଥାଆନ୍ତି। ସେଥିପାଇଁ ଘର ଆଖପାଖ ଓ ଛାତ ଉପରେ ପାଣି ଜମିବାକୁ ନଦେଲେ ବା ଜମୁଥିବା ପାଣିକୁ ସପ୍ତାହକୁ ଥରେ ଖାଲି କରିଦେଲେ, ଡେଙ୍ଗୁ ସଂକ୍ରମଣର ଆଶଙ୍କା ଏଡାଇ ହେବ ବୋଲି କହିଛନ୍ତି ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ। ଲୋକଙ୍କ ଭିତରେ ଡେଙ୍ଗୁ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ମଧ ଆରମ୍ଭ କରାଯାଇଛି। ଜ୍ୱର ହେବା ମାତ୍ରେ ଏସସିବି ମେଡିକାଲ କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ପରୀକ୍ଷା କରାଇ ନେବା ପାଇଁ ସିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି। ଯଦି କେହି ଡେଙ୍ଗୁରେ ଆକ୍ରାନ୍ତ ହେଲେ, ତେବେ ପ୍ଲେଟଲେଟ ପରୀକ୍ଷା ପାଇଁ ସହରର ସବୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ କହିଛି। ଆବଶ୍ୟକ ପଡିଲେ କଟକ ବଡ ମେଡିକାଲରେ ୪୦ଶଯ୍ୟା ବିଶିଷ୍ଟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୦ଶଯ୍ୟା ବିଶିଷ୍ଟ ଡେଙ୍ଗୁ ୱାର୍ଡ ଖୋଲିବା ପାଇଁ ଯୋଜନା ହୋଇଛି।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !
ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।
ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com